


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୭ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 JUNE 2025
Vol.No. 36 ■ No.168 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

## ରଥ, ପଥ ପ୍ରସ୍ତୁତ: ଆଜି ବିଶ୍ୱନିୟନ୍ତାଙ୍କ ଗୁଣ୍ଡିଚା ଯାତ



ପୁରୀ, ୨୬/୬ (ନି.ପ୍ର): ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା । ରାତିପାହିଲେ ରତ୍ନସିଂହାସନ ଛାଡ଼ି ଭକ୍ତଙ୍କ ଗହଣକୁ ଚାଲି ଆସିବେ କାଳିଆ ସାଆନ୍ତ । ରଥରେ ବିଜେକରି ନବଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିର ଯିବେ ମହାପ୍ରଭୁ। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଉଠୁଛି ପଡୁଛି ଶ୍ରୀକ୍ଷେତ୍ର ପୁରୀ । ଆସନ୍ତାକାଲି ଅପରାହ୍ଣ ୪ଟାରେ ରଥଟଣା ପାଇଁ ନୀତି ନିର୍ଘଣ୍ଟ ହୋଇଛି । ରଥ ପ୍ରସ୍ତୁତ...ପଥ ପ୍ରସ୍ତୁତ...ସିଂହଦ୍ୱାର ଆଗରେ ତିନି ରଥଙ୍କ ଅପେକ୍ଷା...କେତେବେଳେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ବିରାଜିବେ କାଳିଆ ସାଆଁନ୍ତ । ସକାଳୁ ମହାପ୍ରଭୁଙ୍କ ନିୟମିତ ନୀତିକାନ୍ତି ପରେ ତିନି ବାଡ଼ରୁ ତିନିଟି ଆଜ୍ଞାମାଳ ଆଣି ପୂଜାପଣ୍ଡାମାନେ ଶୋଭାଯାତ୍ରାରେ ଆସିଥିଲେ ବଡ଼ଦାଣ୍ଡକୁ । ବିଜେ କାହାଳୀ ଓ ତେଲିଙ୍ଗି ବାଜାର ନାଦରେ କମ୍ପି ଉଠିଥିଲା ପରିବେଶ। ଆଜ୍ଞାମାଳ ଅର୍ପଣ ପରେ ଉତ୍ସାହର ସହ ସିଂହଦ୍ୱାର ସାମ୍ନାକୁ ତିନି ରଥକୁ ଟାଣି ଆଣିଥିଲେ ଭକ୍ତ । ପ୍ରଥମେ ନନ୍ଦିଘୋଷ, ତା ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ । ରଥ ସିଂହଦ୍ୱାର ସମ୍ମୁଖକୁ ଟଣା ଚାଲିଥିଲା ତ, ଭାବଭକ୍ତିରେ ଉଛୁଳି ପଡୁଥିଲା ବଡ଼ଦାଣ୍ଡ । ଏପଟେ ରତ୍ନବେଦି ଛାଡ଼ି ଜନ୍ମବେଦି ଯାତ୍ରାରେ ବାହାରିବାକୁ ଉଚ୍ଛନ୍ନ ହେଲେଣି ଚତୁର୍ଦ୍ଧା ମୂର୍ତ୍ତି । ସେଇଥିପାଇଁ ଶ୍ରୀମନ୍ଦିରରେ ପ୍ରସ୍ତୁତି ବି ଜୋରଦାର । ରାତି ୧୨ଟାରୁ ସକାଳ ୫ଟା ଭିତରେ ହେବ ସେନାପଟା ଲାଗି । ୬ଟାରେ ମଙ୍ଗଳା ଆଳତୀ ପରେ ଶେଷ ହେବ ମଇଲମ, ତଡ଼ପଲାଗି ଲାଗି ସହ ଅନ୍ୟ ନୀତି । ଦିନ ୯ଟାରେ ରଥ ପ୍ରତିଷ୍ଠା ପରେ ୯ଟା ୩୦ରେ ଆରମ୍ଭ ହେବ ପହଣ୍ଡି ବିଜେ । ଦିନ ୧୨ଟା ୩୦ରେ ପହଣ୍ଡି ସରିବା ପରେ ଅପରାହ୍ଣ ୨ଟା ୩୦ରୁ ୩ଟା ୩୦ ଭିତରେ ଛେରା ପହଁରା ସରିବ । ଏହାପରେ ଚାରମାଳ ଫିଟା ସାଙ୍ଗକୁ ରଥରେ ଘୋଡ଼ା ସାରଥୀ ଲଗାଯିବା ପରେ ଅପରାହ୍ଣ ୪ଟାରୁ ଆରମ୍ଭ ହେବ ରଥଟଣା । କେବଳ ଆଜି ରାତିଟା ପାଇଁ ଅପେକ୍ଷା । ସକାଳର ସୂର୍ଯ୍ୟୋଦୟ ସହ ବଦଳିଯିବ ଶ୍ରୀକ୍ଷେତ୍ରର ଚିତ୍ର। ବଡ଼ ଦେଉଳ ଛାଡ଼ି ବଡ଼ଦାଣ୍ଡରେ ଭକ୍ତଙ୍କ ସହ ହଜିଯିବେ ଜଗତ ଠାକୁର ।

## ସାମୟିକ କର୍ମଚାରୀଙ୍କ କାର୍ଯ୍ୟାନ୍ତର ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬/୬ (ନି.ପ୍ର): ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମୟିକ କର୍ମଚାରୀମାନଙ୍କ ପାଇଁ ଖୁସି ଖବର ଆଣିଛନ୍ତି। ଏଣିକି ଏହି କର୍ମଚାରୀଙ୍କୁ ଅଧିକ ଏକ ଲକ୍ଷ ଟଙ୍କା ମିଳିବ। ପୂର୍ବରୁ ସାମୟିକ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ଅନ୍ତର ହେଲେ ସେମାନଙ୍କୁ ଏକକାଳୀନ ୨.୫ ଲକ୍ଷ ଟଙ୍କା ମିଳିବ। ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବିକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବିରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି।

## କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ: ଧାର୍ମିକ ବ୍ୟବସ୍ଥାରେ ନିଷ୍ପତ୍ତି ନେବା ପୂର୍ବରୁ ନିଆଯାଉନି ମୋର ପରାମର୍ଶ



ଭୁବନେଶ୍ୱର, ୨୬/୬ (ନି.ପ୍ର): କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବର୍ଷିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧିଶ ଶଙ୍କରାଚାର୍ଯ୍ୟ ଜଗତଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ । ନୀତିଗତ ନିଷ୍ପତ୍ତି ତଥା ଧାର୍ମିକ ବ୍ୟବସ୍ଥାରେ ନିଷ୍ପତ୍ତି ନେବାରେ କେନ୍ଦ୍ର ସରକାର ଅସଫଳ ବୋଲି ସେ କହିଛନ୍ତି । ନିର୍ବାଚନ ପୂର୍ବରୁ ବିଭିନ୍ନ ନେତା ଭୟରେ ଆଶୀର୍ବାଦ ନେଇଥାନ୍ତି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ତାଙ୍କ ପରାମର୍ଶ ନେଉ ନଥିବା ସେ ଅଭିଯୋଗ କରିଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ନେଇ ମଧ୍ୟ ବର୍ଷିଛନ୍ତି ଶଙ୍କରାଚାର୍ଯ୍ୟ । ଇସ୍କନର ମନମାନି ପଛରେ କେଉଁ ମାନେ ଅଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ? ସେହିପରି ଦୀଘା ଜଗନ୍ନାଥ ଧାମ ନାମକରଣ ଘଟଣାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରିବା ଉଚିତ ବୋଲି କହିଛନ୍ତି ଜଗତଗୁରୁ । କାଲି ରଥଯାତ୍ରାରେ ନିଜ ଶିଷ୍ୟ ଓ ଅନୁଗାମୀଙ୍କ ସହ ସାମିଲ ହେବେ ଶଙ୍କରାଚାର୍ଯ୍ୟ ।

## ଏସ୍‌ସିଓ ବୈଠକରେ ଭାରତ ବିରୋଧରେ ଚୀନ୍‌ର ଚାଲ୍: ପହଲଗାମ ବଦଳରେ ବଲୁଚିସ୍ତାନ ପ୍ରସଙ୍ଗକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୨୬/୬ : ସାଙ୍ଘାଇ ସହଯୋଗ ସଂଗଠନ(ଏସସିଓ) ବୈଠକରେ ଭାରତ ବିରୋଧରେ ଚାଲ ଖେଳିଛି ପଡୋଶୀ ଚୀନ। ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ପାକିସ୍ତାନର ଅସଲ ମୁଖା ଖୋଲିବାକୁ ଭାରତର ଦାବିକୁ ପ୍ରତ୍ୟାଖାନ କରାଯାଇଛି । ବଦଳରେ ପାକିସ୍ତାନ ବାଲୋଚିସ୍ତାନ ବିଚ୍ଛିନ୍ନତାବାଦୀ ସଙ୍ଗଠନର ହିଂସାତ୍ମକ କାର୍ଯ୍ୟକଳାପକୁ ପ୍ରସଙ୍ଗ କରାଯାଇଛି । ଫଳରେ ଏସସିଓ ମିଳିତ ବିବୃତ୍ତିରେ ସ୍ୱାକ୍ଷର କରିବାକୁ ମନା କରିଦେଇଛି ଭାରତ । ଏସ୍‌ସିଓ ବିବୃତିରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର କୌଣସି ଉଲ୍ଲେଖ ନଥିଲା, ଯେଉଁଥିରେ ୨୬ ନିରୀହ ଲୋକଙ୍କ ଜୀବନ ଯାଇଥିଲା । କିନ୍ତୁ ବଲୁଚିସ୍ତାନ ଘଟଣା ଉପରେ ଉଲ୍ଲେଖ ଥିଲା, ତେଣୁ ଭାରତ ମିଳିତ ଘୋଷଣାପତ୍ରରେ ହସ୍ତାକ୍ଷର କରିବାକୁ ମନା କରିଦେଇଛି। ଏସସିଓ ମିଳିତ ବିବୃତିରେ ପହଲଗାମ ଆତଙ୍କୀ ଆକ୍ରମଣ ସମ୍ପର୍କରେ ଉଲ୍ଲେଖ କରାଯାଇନଥିଲା। ବରଂ ବଲୁଚିସ୍ତାନରେ ଭାରତ ଅଶାନ୍ତି ସୃଷ୍ଟି କରୁଥିବା ନେଇ ଉଲ୍ଲେଖ କରାଯାଇଥିଲା । ବିଚ୍ଛିନ୍ନତାବାଦୀ ସଙ୍ଗଠନମାନଙ୍କ ଦ୍ୱାରା ଭାରତ ସେଠାରେ ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ କରାଯାଇଥିଲା । ପାକିସ୍ତନର ଘନିଷ୍ଠ ସହଯୋଗୀ ଚୀନ ଏହି ଏସସିଓ ବୈଠକର ଅଧ୍ୟକ୍ଷତା କରୁଥିବା ପାକିସ୍ତାନର ଇଙ୍ଗିତରେ ପାହାଲଗାମ ପ୍ରସଙ୍ଗକୁ ବାଦ ଦିଆଯାଇଛି।

## ୧୨ ଘଣ୍ଟାରେ ଘୂର୍ଣ୍ଣିବଳୟ ନେଇପାରେ ଲଘୁଚାପ ରୂପ

ଭୁବନେଶ୍ୱର, ୨୬/୬ (ନି.ପ୍ର): ୧୨ଘଣ୍ଟାରେ ସୃଷ୍ଟି ହୋଇପାରେ ଲଘୁଚାପ । ଗତକାଲି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୧୨ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଆଜି ୪ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ।

## ହିମାଚଳପ୍ରଦେଶରେ ଭୟଙ୍କର ବନ୍ୟା : ରୁଦ୍ରପ୍ରୟାଗ ଜିଲ୍ଲାରେ ନଦୀକୁ ଖସିଲା ବସ୍

ନୂଆଦିଲ୍ଲୀ, ୨୬/୬ : ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁ କୁଲୁ ଓ କାଙ୍ଗଡା ଜିଲ୍ଲାରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ରୁ ୨୦ଜଣ ନିଖୋଜ ଥିବା ଜଣାପଡ଼ିଛି । କାଙ୍ଗଡ଼ା ଜିଲ୍ଲାର ଖନିୟାରା ଅଞ୍ଚଳରେ ଇନ୍ଦିରା ପ୍ରିୟଦର୍ଶିନୀ ହାଇଡ୍ରୋ ପ୍ରୋଜେକ୍ଟରେ କାମ କରୁଥିବା ଶ୍ରମିକ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି । ମନୁଣି ଖଡ୍ଡ ନଦୀରେ ଅଚାନକ ବନ୍ୟା ପାଣି ମାଡ଼ି ଆସିବାରୁ ୧୫ ଜଣ ଶ୍ରମିକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି । ଖବର ପାଇ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଏନ୍‌ଡିଆରଏଫ୍ ଟିମ୍ ଉଦ୍ଧାର କାମରେ ଲାଗିଛନ୍ତି । ୨ ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ନିଖୋଜଙ୍କୁ ଖୋଜାଖୋଜି କରାଯାଉଛି । ବନ୍ୟାରେ କେତେ ଲୋକ ପ୍ରଭାବିତ ହୋଇଛନ୍ତି, ତାହା ସଠିକ ଜଣାପଡିନି । ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ସେପଟେ କୁଲୁ ଜିଲ୍ଲାର ସେଞ୍ଜ ଘାଟି, ଜୀବା ନାଲା, ଗଡସା ଘାଟି, ହୋରନଗଡ଼ରେ ବାଦଲଫଟା ବର୍ଷା ଯୋଗୁଁ ଜଳପ୍ରଳୟ ଦେଖିବାକୁ ମିଳିଛି । ଜୀବା ନାଲାରେ ବାପା-ଝିଅଙ୍କ ସମେତ ୩ ଜଣ ଭାସିଯାଇ ନିଖୋଜ ଥିବା ଖବର ମିଳିଛି । ବିଭିନ୍ନ ନଦୀର ଜଳସ୍ତର ବଢୁଥିବାରୁ ମଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବ୍ୟାସ ନଦୀକୂଳିଆ ଲୋକଙ୍କୁ ସତର୍କ ରହିବା ଜିଲ୍ଲା ପ୍ରଶାସନ ଆଲର୍ଟ ଜାରି କରିଛି ।

## ମହିଳାଙ୍କ ଉନ୍ମକ୍ତ କାଣ୍ଡ: ଫିଲ୍ମ ଷ୍ଟାଇଲରେ ରେଳ ଧାରଣା ଉପରେ ଚଳାଇଲେ ଗାଡି

ନୂଆଦିଲ୍ଲୀ, ୨୬/୬ : ମହିଳାଙ୍କ ଉନ୍ମକ୍ତ କାଣ୍ଡ। ଫିଲ୍ମ ଷ୍ଟାଇଲରେ ରେଳ ଧାରଣା ଉପରେ ଚଳାଇଲେ ଗାଡି । ବଦଳିଲା ୧୫ ଟ୍ରେନର ଗତିପଥ । ଉତ୍ତରପ୍ରଦେଶର ଜଣେ ୩୪ ବର୍ଷୀୟ ମହିଳା ତେଲେଙ୍ଗାନାର ରଙ୍ଗା ରେଡ୍ଡୀ ଜିଲ୍ଲାରେ ରେଳ ଲାଇନରେ କାର ଚଳାଇଥିଲେ। ଯାହା କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ଯେଉଁଥିପାଇଁ ୧୫ ଟି ଟ୍ରେନର ଗତିପଥ ବଦଳିବାକୁ ପଡିଥିଲା । ଯାହାର ଭିଡିଓ ଏବେ ଭାଇରାଲ ହୋଇଛଛି। ୧୩ ସେକେଣ୍ଡର ଭିଡିଓରେ ଦେଖାଯାଇଛି ଯେ ଏକ କିଆ ସୋନେଟ ଚାରିଚକିଆ ଗାଡି ରେଳପଥରେ ଚାଲୁଛି ।

DADLS - 36





ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)

OIPR: 15001/13/0819/2526

DADLS - 36





ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0819/2526

ରଥଯାତ୍ରା ବିଶେଷାଙ୍କ

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଶୁକ୍ରବାର,୨୭ ଜୁନ୍, ୨୦୨୫

# ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

ଭୋଳାନାଥ ସାହୁ

ଶ୍ରୀମନ୍ଦିରର ଆରାଧ ଦେବତା ଶ୍ରୀଜଗନ୍ନାଥ । ଦାରୁ ଦେବତା ଭାବରେ ସେ ବିଶ୍ୱ ପ୍ରସିଦ୍ଧ । ଅସଂଖ୍ୟ ସେବାୟତ ଓ ନୀତିକାନ୍ତିରେ ତାଙ୍କର ପୂଜାବିଧି ପରିଚାଳିତ । ବାରମାସରେ ତେର ପର୍ବ ପାଳନ କରାଯାଏ ଶ୍ରୀମନ୍ଦିରରେ । ବହୁବିଧ ଯାତ୍ରା ମଧ୍ୟରୁ ଦ୍ୱାଦଶ ଯାତ୍ରା ପ୍ରଧାନ ଅଟେ । ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ସମସ୍ତ ନୀତିକାନ୍ତି ଓ ପର୍ବପର୍ବାଣୀର ମହାତ୍ମ୍ୟ ସମ୍ପର୍କରେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କୁ ଦର୍ଶାଇଥିବାର ନିଦର୍ଶନ ସ୍କନ୍ଧ ପୁରଣ, ନୀଳାଦ୍ରୀମହୋଦୟ, ବାମଦେବ ସଂହିତା, ବ୍ରହ୍ମପୁରାଣ, ଶ୍ରୀମନ୍ଦିର ସତ୍ୱଲିପି ପ୍ରଭୃତିରେ ରହିଛି । ଶ୍ରୀମନ୍ଦିରର ମୁଖ୍ୟ ୧୨ଟି ଯାତ୍ରା ମଧ୍ୟରୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନ୍ୟତମ । ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ରଥଯାତ୍ରା । ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା, ଘୋଷଯାତ୍ରା, ଜନ୍ମବେଦୀଯାତ୍ରା, ନବଦିନାତ୍ମକ ଯାତ୍ରା, ପତିତପାବନଯାତ୍ରା, ଦଶାବତାର ଯାତ୍ରା ନାମରେ ନାମିତ କରାଯାଏ । ଦ୍ୱିତୀୟାତିଥିଠାରୁ ଦଶମୀତିଥି ପର୍ଯ୍ୟନ୍ତ ଶ୍ରୀଗୁଣ୍ଡିଚାମନ୍ଦିରରେ ରହିବାର ବ୍ୟବସ୍ଥା ହୋଇଥାଏ । ରଥସଠିକ୍ ସମୟରେ ଶ୍ରୀଗୁଣ୍ଡିଚାମନ୍ଦିର ନିକଟରେ ପହଂଚିନପାରିଲେ ଦିନରସଂଖ୍ୟା ହ୍ରାସ ପାଇଥାଏ । ହେରାପଂଚମୀ ଓ ବାହୁଡ଼ାଯାତ୍ରା ଏହି ଯାତ୍ରାର ଅଂଶବିଶେଷ । ପ୍ରତିପଦାଦିନ ତିନି ଠାକୁରଙ୍କ ବାଡ଼ରୁ ତିନିରଥନିମନ୍ତେ ଆଜ୍ଞାମାଳ ଘଂଟ, ଘଂଟା, ଭେରୀ, ତୁରୀ, ମହୁରୀ, ସଂକୀର୍ତନ ଗହଣରେ ଯାଇ ରଥଖଳାସ୍ଥିତ ତିନିରଥରେ ସ୍ଥାପନା କରାଯାଏ । ଏହାପରେ ତିନି ରଥକୁ ସିଂହଦ୍ୱାର ସମ୍ମୁଖକୁ ଆଣି ସୁସଜ୍ଜିତ କରି ରଖାଯାଏ । ରଥଯାତ୍ରାଦିନ ସକାଳେ ୨୧ଜଣ ଶ୍ରୋତୀୟ ବ୍ରାହ୍ମଣ ତିନିଭାଗ ହୋଇ ତିନି ରଥରେ ପ୍ରତିଷ୍ଠା ହୋମକାର୍ଯ୍ୟ ସଂପାଦନ କରନ୍ତି । ଏହାପରେ ଆଳତୀ, ଅବକାଶନୀତି, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ମଙ୍ଗଳାଅର୍ପଣ ଶେଷ ହେବା ପରେ ନାଟମଣ୍ଡପ ଓ ଜଗମୋହନକୁ ଶୋଧନ କରାଯାଇ ଚତୁର୍ଦ୍ଧାମୂର୍ତିଙ୍କ ପହଣ୍ଡି କରାଯାଏ । ରତ୍ନବେଦୀରୁ ରଥ, ଜନ୍ମବେଦୀରୁ ରଥକୁ ଶ୍ରୀଜୀଉ ମାନଙ୍କୁ ଧାଡ଼ି ପହଣ୍ଡିରେ ବିଜେ କରାଯାଏ । ମାତ୍ର ଶରଧାବାଲିରୁ ଜନ୍ମବେଦୀ ଓ ସିଂହଦ୍ୱାରରେ ରଥରୁ ଶ୍ରୀମନ୍ଦିରକୁ ଗୋଟି ପହଣ୍ଡିରେ ଦିଅଁମାନଙ୍କୁ ନିଆଯାଇଥାଏ । ଶ୍ରୀ ସୁଦର୍ଶନ ଓ ସୁଭଦ୍ରାଙ୍କୁ ଶୁନ୍ୟ ପହଣ୍ଡିରେ ବିଜେ କରାଯାଏ । ଭକ୍ତଗଣ ସିଂହଦ୍ୱାର ସମ୍ମୁଖରେ ଛିଡ଼ା ହୋଇ ଚତୁର୍ଦ୍ଧାମୂର୍ତିଙ୍କ ଆଗମନକୁ ଅନାଇ ରହିଥାନ୍ତି । କେତେବେଳେ ସିଂହଦ୍ୱାର ଦେଇ ବାହାରକୁ ଆସିବେ । ପହଣ୍ଡି ସମୟରେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କର ବାଇଶି ପାହାଚର ସପ୍ତମ ପାହାଚରେ ଟାହ୍ୟାଲାଗିହୁଏ । ସିଂହଦ୍ୱାରର ପରିବେଶ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥାଏ । ଭକ୍ତମାନେ ନିଜ



ନିଜର କଳାଚାତୁରୀକୁ ବଡ଼ଦାଣ୍ଡରେ ପ୍ରଦର୍ଶନ କରିଥାନ୍ତି । ଦକ୍ଷିଣଘରୁ ରାମ, କୃଷ୍ଣଙ୍କୁ ଆଣି ବଳଭଦ୍ରଙ୍କ ରଥରେ ଓ ମୋଦନମୋହନଙ୍କୁ ଶ୍ରୀଜଗନ୍ନାଥଙ୍କ ରଥରେ ବିଜେ କରିବା ପରେ ସେବାୟତମାନେ ରାଜନଅରକୁ ଯାଇ ଗଜପତି ମହାରାଜାଙ୍କୁ ଛେରାପହଁରା ନିମନ୍ତେ ପଟୁଆରରେ ପାଛୋଟି ଆଣନ୍ତି । ଗଜପତି ମହାରାଜ ସୁନା କର୍ପୁର ଆଳତୀ କରି ସୁନା ଚାମର ଆଲଟ କରନ୍ତି । ଏହାପରେ ରାଜଗୁରୁ ସୁନା ଖଡ଼ିକାକୁ ସଂସ୍କାର କରି ଗଜପତି ମହାରାଜାଙ୍କୁ ଦିଅନ୍ତି ଓ ମହାରାଜା ପ୍ରଥମେ ବଳଭଦ୍ରଙ୍କ ରଥରେ, ଦ୍ୱିତୀୟରେ ଜଗନ୍ନାଥଙ୍କ ରଥରେ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଛେରା ପହଁରା କରିଥାନ୍ତି । ଓଡ଼ିଶାର ଗଜପତି ମହାରାଜ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବେ ଏହି କାର୍ଯ୍ୟ କରନ୍ତି । ଛେରାପହଁରା ପରେ ପୋଲିସ ଓ ସରକାରୀ କର୍ମଚାରୀଙ୍କୁ ରଥ ଜିମା ଦେଇ ରଥ ଦଉଡ଼ି ଯୋଚାଯାଏ । ଏହାପରେ ଭକ୍ତମାନେ ତିନିରଥକୁ ନୀତି ଅନୁସାରେ ଟାଣି ନେଇଥାନ୍ତି । ୩ରଥ ଶରଧା ବାଲିରେ ପହଂଚିବା ପରେ ମହାସ୍ନାନ, ମଧ୍ୟାହ୍ନ ଧୂପ ଓ ଅନ୍ୟାନ୍ୟ ଦୈନନ୍ଦିନ ନୀତି ପାଳିତ ହୁଏ । ପୁନର୍ବାର ଗୋଟି ପହଣ୍ଡିରେ ଠାକୁର ମାନଙ୍କୁ ଜନ୍ମ ବେଦୀକୁ ବିଜେ କରାଯାଏ । ବିଳମ୍ବ ହେଲେ ଏହି କାର୍ଯ୍ୟ ପରଦିନ ହୁଏ । ଆଡ଼ପ ମଣ୍ଡପରେ ବିଜେ ହେବା ପରେ ରୁନ୍ଧା, ସର୍ବାଙ୍ଗ, ମହାସ୍ନାନ କରାଯାଇ ସର୍ପାମଣୋହି ଭୋଗଲାଗିହୁଏ ।

ହେରାପଂଚମୀ ରଥ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ବିଶେଷ । ରଥଯାତ୍ରାର ପଂଚମ ଦିନ ଅର୍ଥାତ ଆଷାଢ଼ଶୁକ୍ଳପକ୍ଷ ଷଷ୍ଠୀତିଥିରେ ଏହି ନୀତି ପାଳନ କରାଯାଏ । ଓଡ଼ିଆ ଘରର ସ୍ୱାମୀ ସ୍ତ୍ରୀଙ୍କ ପ୍ରେମର ଏହା ଏକ ନିଛକ ପ୍ରତିଛବି । ରଥଯାତ୍ରାରେ ମହାପ୍ରଭୁ ଦୀର୍ଘଦିନ ଧରି ଆସିଥିଲେ ହେଁ କାହିଁକି ଫେରିଲେ ନାହିଁ, କେଉଁଠି ରହିଲେ ଏ ସବୁର ଟିକିନିଖି ତଦାରଖ କରିବା ପାଇଁ ମହାଲକ୍ଷ୍ମୀ ଶ୍ରୀମନ୍ଦିରରୁ ବାହାରିଲେ । ରାସ୍ତାରେ ନନ୍ଦିଘୋଷକୁ ପାଇ ନିକଟକୁ ଯାଇ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ କିଛି ସୁରାକ ନପାଇ ରଥଭାଙ୍ଗି, ସାରଥୀର ଲୁଗାଚିରି ନିଜ କ୍ରୋଧତା ପ୍ରକାଶ କଲେ । ହେରାପଂଚମୀରେ ମହାଲକ୍ଷ୍ମୀ

ଆଡ଼ପ ମଣ୍ଡପକୁ ଯିବା ଓ ସେଠାରୁ ଶ୍ରୀମନ୍ଦିରକୁ ଫେରିବା ବାଟରେ ବିଭିନ୍ନ ସ୍ଥାନରେ ପଂକ୍ତିଭୋଗର ଆୟୋଜନ କରାଯାଇଥାଏ । ହେରାପଂଚମୀ ପରଦିନ ସକାଳ ଭୋଗ ଲାଗିହେବା ପରେ ପ୍ରଥମେ ସୁଭଦ୍ରାଙ୍କ ରଥ, ଦ୍ୱିତୀୟରେ ବଳଭଦ୍ରଙ୍କ ରଥ ଓ ଶେଷରେ ଜଗନ୍ନାଥଙ୍କ ରଥକୁ ଦକ୍ଷିଣମୋଡ଼ କରି ରଖାଯାଏ । ନବମୀଦିନ ଆଡ଼ପ ମଣ୍ଡପୀ ଶ୍ରୀଜୀଉମାନଙ୍କର ଶେଷ ଦର୍ଶନ ଥିବାରୁ ଭକ୍ତ ମାନଙ୍କର ପ୍ରବଳଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀଜୀଉଙ୍କ ସାଧାରଣ ଦର୍ଶନ ଉପରେ ରୋକ ଲଗାଯାଏ ର ଏହିଦିନ ଠାକୁରଙ୍କ ଠିଆ ପହୁଡ଼ ଅନୁଷ୍ଠିତ ହୋଇଥାଏ ।

ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିରକୁ ଶ୍ରୀବିଗହ ମାନଙ୍କର ପ୍ରତ୍ୟାବର୍ତନ ଯାତ୍ରା 'ବାହାଡୁଯାତ୍ରା' ନାମରେ ନାମିତ । ଏହିଯାତ୍ରାରେ ଠାକୁରଙ୍କ ସମସ୍ତ ନୀତିକାନ୍ତି ରଥଯାତ୍ରା ନୀତିକାନ୍ତି ପରି ପାଳନ କରାଯାଏ । ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୁଏ । ଏହି ଦିବସରେ ସକାଳ ଆଳତୀ, ଅବକାଶ, ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ସକାଳଧୂପ, ଖେଚୁଡ଼ିଭୋଗ, ବଲ୍ଲଭଭୋଗ ଲାଗି ଷୋଡ଼ଶ ଉପଚାରରେ ମଣୋହି ଶେଷ ହେବାପରେ ସେନାପଟା ଲାଗିହେବାର ଦେଖାଯାଏ । ପହଣ୍ଡି ଶେଷହେବା ପରେ ରଥଟଣା ଆରମ୍ଭହୁଏ । ଆଗରେ ବଳଭଦ୍ରଙ୍କ ତାଳଧ୍ୱଜ, ମଝିରେ ସୁଭଦ୍ରାଙ୍କ ଦର୍ପଦଳନ ଓ ପଛରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚାଲିଥାଏ । ବାହୁଡ଼ାଯାତ୍ରାରେ ବଡ଼ଶଙ୍ଖ ଠାରେ ଜଗନ୍ନାଥଙ୍କ ନନ୍ଦିଘୋଷରଥ ଅଟକିଥାଏ । ମାଉସୀ ମା' ମନ୍ଦିର (ଅର୍ଦ୍ଧଶୋଷଣ ଦେବୀ) ସମ୍ମୁଖରେ ବଡ଼ଦାଣ୍ଡରେ ରହି ପୋଡ଼ପିଠା ଲାଗିହେବା ପରେ ସେ ଫେରିଥାନ୍ତି । ସେଠାରୁ ଆସି ରାଜନଅର ସମ୍ମୁଖରେ ନନ୍ଦିଘୋଷ ଅଟକିଥାଏ । ଶ୍ରୀମନ୍ଦିରରୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ପଲଙ୍କରେ ଆଣି ଜଗନ୍ନାଥଙ୍କ ସହିତ ଗଜପତି ମହାରାଜ ଭେଟ କରାଇଥାନ୍ତି । ଯାହା ଲକ୍ଷ୍ମୀ-ନାରାୟଣ ଭେଟ ନାମରେ ପ୍ରସିଦ୍ଧ । ସେଠାରୁ ଶ୍ରୀଜଗନ୍ନାଥଙ୍କ ରଥକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଏ । ପୂର୍ବରୁ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ସିଂହଦ୍ୱାର ସମ୍ମୁଖରେ ପହଂଚିସାରିଥାଏ । ତିନିରଥରେ ମଧ୍ୟାହ୍ନଧୂପ ଠାରୁ ଆରମ୍ଭ ହୋଇ ଦୈନନ୍ଦିନ ନୀତିକାନ୍ତି ଶେଷ ହେବାପରେ ପହୁଡ଼ ପଡ଼ିଥାଏ । ସନ୍ଧ୍ୟାରେ କେବଳ ସୁଖିଲାଭୋଗ ଲାଗିହୁଏ । ପରଦିନ ଅର୍ଥାତ ଏକାଦଶୀ ତିଥିରେ ତିନିରଥରେ ଦିଅଁକୁ ସୁନାବେଶରେ ସଜ୍ଜିତ କରାଯାଏ । ଏହାକୁ ଦେଖିବା ପାଇଁ କୋଟିକୋଟି ଭକ୍ତଙ୍କ ସମାଗମ ହୋଇଥାଏ । ଦ୍ୱାଦଶୀ ତିଥିରେ ପାର୍ଶ୍ୱ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧରପଣା ନୀତି ପାଳିତ ହୁଏ । ଏଥିପାଇଁ ଆବଶ୍ୟକୀୟ ସମସ୍ତ ସରଂଜାମ ରାଘବଦାସ ମଠ ଓ ଓଡ଼ିଆ ମଠ ଯୋଗାଇ ଦେଇଥାଏ ।

ତ୍ରୟୋଦଶୀ ତିଥିରେ ସନ୍ଧ୍ୟାଧୂପ ଶେଷ ହେବାପରେ ଶ୍ରୀଜୀଉ ମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୁଏ । ଏହା 'ନୀଳାଦ୍ରିବିଜେ' ନାମରେ ନାମିତ । ଏହି ସମୟରେ କ୍ରୋଧାନ୍ୱିତ ମା' ଲକ୍ଷ୍ମୀ ସିଂହଦ୍ୱାରକୁ ବନ୍ଦ କରିଥାନ୍ତି । ଫଳରେ ପତିପତ୍ନୀ ଅର୍ଥାତ ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ବହୁ ଅରୋପ-ପ୍ରତ୍ୟାରୋପ ଦେଖାଦେଇଥାଏ । ଶେଷରେ ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀଙ୍କର ସମସ୍ତ ଅଭିଯୋଗର ସମାଧାନ ପୂର୍ବକ ତାଙ୍କୁ ରସଗୋଲା ଖୁଆଇ ମନାଇଥାନ୍ତି । ରସଗୋଲାଭୋଗ ଶ୍ରୀଜଗନ୍ନାଥଙ୍କର ବୋଲି ଶାସ୍ତ୍ରାନୁମୋଦିତ । ସମସ୍ତ ଶ୍ରୀଜୀଉଙ୍କୁ ରତ୍ନସିଂହାସନରେ ଅଧିରୂଢ଼ କରିବା ପରେ ରୁନ୍ଧାକାର୍ଯ୍ୟ ଶେଷ ହୁଏ । ପରେ ପରେ ଠାକୁରଙ୍କ ଅବଶିଷ୍ଟ ନୀତିକାନ୍ତି ଶେଷ କରାଯାଇ ରଥଯାତ୍ରାର ପରିସମାପ୍ତି ହୁଏ । ଶାସ୍ତ୍ର ସୂଚୀତ - "ରଥେତୁ ବାମନଂ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ ।" - ଉକ୍ତିର ସତ୍ୟତା ପାଇଁ ରଥଯାତ୍ରାରେ କୋଟି କୋଟି ଭକ୍ତ ବଡ଼ଦାଣ୍ଡକୁ ଆସିଥାନ୍ତି । ଏହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ମହାମିଳନର ପର୍ବ ବୋଲି କୁହାଯାଇପାରେ । ପତିତ ଜନତାଙ୍କୁ ଦର୍ଶନଦେବା ନିମନ୍ତେ ରତ୍ନ ସିଂହାସନଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସୁଥିବା ବିଶ୍ୱର ଏକମାତ୍ର ଦିଅଁ ହେଉଛନ୍ତି ଶ୍ରୀଜଗନ୍ନାଥ । ଏଥିପାଇଁ ସେ ଜଗତର ଠାକୁର ଓ ତାଙ୍କ ରଚିତ ରଥଯାତ୍ରା ଆଜି ବିଶ୍ୱ ବିଦିତ ।

ଜୟ ଜଗନ୍ନାଥ...

ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ
ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ- ୯୯୩୭୧୫୧୩୧୦

# ଭାରତର ବିଭିନ୍ନ ପ୍ରଦେଶରେ ଶ୍ରୀଜଗନ୍ନାଥ ଉପାସନା ଓ ରଥଯାତ୍ରା

ସମ୍ରାଟ କର

ଶ୍ରୀମନ୍ଦିର ଲୀଳା ଓ ଯାତ୍ରାର ସ୍ଥାନ । ଲୀଳା ପାଇଁ ଯାତ୍ରା ଓ ଯାତ୍ରା ପାଇଁ ଲୀଳା ଏଠାରେ ଅନୁଷ୍ଠିତ ହୁଏ । ବହୁବିଧ ଲୀଳା ରଚନା କରିବା ଅବତାରଗୁଡ଼ିକର ମୂଳ ଲକ୍ଷ୍ୟ । ଶ୍ରୀଜଗନ୍ନାଥ ସ୍ୱୟଂ ଅବତାରୀ । ପୁଣି ଲୀଳାମୟ ସେ । ଅବତାର ମାନଙ୍କ ଲୀଳାକୁ ସେ ନିଜେ ଆଚରଣ କରନ୍ତି । ବିଭିନ୍ନ ରୂପରେ ବିଭିନ୍ନ ବେଶରେ ଭିନ୍ନ ଭିନ୍ନ ଲୀଳା ସେ ପ୍ରତିଦିନ କରନ୍ତି । ଲୀଳା ମାଧ୍ୟମରେ ସେ ସବୁ ରୂପ, ଗୁଣ ଓ ପୂଜାର ଅଧିକାରୀ ତାହା ପ୍ରତିପାଦନ କରନ୍ତି । ଶ୍ରୀମନ୍ଦିରରେ ତାଙ୍କର ସବୁ ଲୀଳା ବିଧି ନିର୍ଦ୍ଦିଷ୍ଟ ମତେ ସମ୍ପାଦିତ ହୁଏ । ଏହି ଲୀଳାକୁ ନେଇ ଭକ୍ତଙ୍କ ମିଳନ ହୁଏ । ମିଳନରୁ ମହାଭାବ ଆସେ । ଭକ୍ତ ଓ ଭଗବାନ ନିକଟତର ହୁଅନ୍ତି । ଲୀଳା ଭଗବାନ କରନ୍ତି ଭକ୍ତଙ୍କ ପାଇଁ ଏବଂ ଭକ୍ତ ଯାତ୍ରା ସୃଷ୍ଟି କରନ୍ତି ଭଗବାନଙ୍କୁ ନେଇ । ଭକ୍ତ ଓ ଭଗବାନଙ୍କ ବିଚିତ୍ର ବନ୍ଧନର ଭୂମି ଶ୍ରୀକ୍ଷେତ୍ର ।


ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଯୁଗ ଯୁଗ ଧରି ଓଡ଼ିଆ ଜାତିର ଜାତୀୟ ଚିନ୍ତା, ଚେତନା ଓ ସଂସ୍କୃତିର ଆଦି ଉତ୍ସ ରୂପେ ବହୁଧା ବର୍ଣ୍ଣିତ । ଭାରତର ନାନା ଧର୍ମ ଦର୍ଶନ, ମତବାଦ ମଧ୍ୟରେ ଶ୍ରୀଜଗନ୍ନାଥ ଜାତୀୟ ଦେବତା ରୂପେ ପ୍ରତିଷ୍ଠିତ । ଏହି ପରିପ୍ରେକ୍ଷୀରେ ପୁରୀ ଠାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ରଥଯାତ୍ରାର ଖ୍ୟାତି ସାରା ବିଶ୍ୱରେ ସୁବିଦିତ । ହେଲେ ପୁରୀକୁ ଛାଡ଼ିଦେଲେ ଦେଶର ବିଭିନ୍ନ ପ୍ରାନ୍ତରେ ଖୁବ ହର୍ଷ ଉଲ୍ଲାସ ସହକାରେ ରଥଯାତ୍ରା ପାଳିତ ହୋଇଥାଏ ।

ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶାର ଜନଜୀବନକୁ ପ୍ରଭାବିତ କରିନାହିଁ, ସମଗ୍ର ଭାରତର ଅଗଣିତ ଜନମାନସକୁ ମଧ୍ୟ ଅନୁପ୍ରାଣୀତ କରିଆସିଛି । ଭାରତର ଦକ୍ଷିଣପୂର୍ବ ଏବଂ ପଶ୍ଚିମ ଭୂଖଣ୍ଡରେ ଜଗନ୍ନାଥ ଉପାସନା, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ପୂଜାପଦ୍ଧତି ଆଦି ଜଗନ୍ନାଥଙ୍କ ପ୍ରତି ଭାରତୀୟମାନଙ୍କର ଭକ୍ତିମତ୍ତାର ପରିଚୟ ଦେଇଥାଏ । ହିନ୍ଦୁ ବିଦ୍ୱେଷୀ ମୁସଲମାନ ଶାସକମାନଙ୍କର ଲୁଣ୍ଠନ ଓ ଆକ୍ରମଣ ଯୋଗୁ ଯେତେବେଳେ ଉତ୍ତର ଭାରତ ଓ ପଶ୍ଚିମ ଭାରତର ମଠ, ମନ୍ଦିର ଓ ଧର୍ମପୀଠଗୁଡ଼ିକ ପତନମୁଖୀ ହୋଇଯାଇଥିଲା, ସେତେବେଳେ ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ହିନ୍ଦୁ ଜଗତକୁ ଆଶା ଭରସା ଦେଇଥିଲା । ତେଣୁ ଭାରତର ବିଭିନ୍ନ ପ୍ରାନ୍ତରୁ ଧର୍ମ ଯାଜକମାନେ ଏହି କ୍ଷେତ୍ରକୁ ଆଗମନ କରି ଧର୍ମ ପିପାସା ମେଣ୍ଟାଇବା ସଙ୍ଗେ ସଙ୍ଗେ ଧର୍ମ ପ୍ରଚାର କରିଯାଇଛନ୍ତି ।

ବିଶେଷକରି ପୂର୍ବ ଭାରତରେ ଶ୍ରୀଜଗନ୍ନାଥ ମନ୍ଦିର ବହୁ ପ୍ରାଚୀନ କାଳରୁ ବିପୁଳ ପରିମାଣରେ ନିର୍ମିତ ହୋଇ ଜଗନ୍ନାଥ ଉପାସନାର ବ୍ୟାପ୍ତି କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଆସିଅଛି । ଦେଶରେ ପୁରୀ ପରେ ପଶ୍ଚିମବଙ୍ଗରେ ଶ୍ରୀରାମପୁର ରଥଯାତ୍ରା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପଶ୍ଚିମବଙ୍ଗର ସବୁଠାରୁ ବଡ଼ ରଥଯାତ୍ରା । ଶ୍ରୀରାମପୁରର ମହେଶ ଅଞ୍ଚଳରେ ପାଳିତଏହି ରଥଯାତ୍ରା ୧୩୯୬ରୁ ହର୍ଷ ଉଲ୍ଲାସ ସକାରେ ପାଳିତ ହେଉଛି । ସେହିପରି ବଙ୍ଗଳାର ମେଦିନୀପୁର, ହିଜିଳୀ, ଦାନ୍ତନ, କେସିୟାଡ଼ିଗଡ଼, ମହିଷାଦାଳ, ବାଙ୍କୁଡ଼ା, ବିଷ୍ଣୁପୁର, ମହେଶ, ତ୍ରିବେଣୀ ଘାଟ, କଳିକତା ନିକଟରେ ଗଙ୍ଗାନଦୀ କୂଳରେ ଥିବା ଜଗନ୍ନାଥଘାଟ, ଜଗନ୍ନାଥପଡ଼ା, ଜଗଦଲପୁର, ରଥତାଲା, ଚେଙ୍ଗଇଲର, ବିରଳାପୁର ଓ ଚାପଦନୀ ଠାରେ ଅନୁଷ୍ଠିତ ହେଉଥିବାବେଳେ ଗୁଜୁରାଟର ଅହମଦାବାଦର ରଥଯାତ୍ରା ଶହେ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ପାଳିତ ହୋଇଆସୁଛି ।

ଗୁଜୁରାଟରେ ବସବାସ କରୁଥିବା ଓଡ଼ିଆ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି ଗୁଜୁରାଟ ସରକାର ରଥଯାତ୍ରାକୁ ଅଧିକ ପରିବ୍ୟାପ୍ତ କରି ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣରେ ପରିଣତ କରିଛନ୍ତି । ଗୁଜୁରାଟରେ ପୁରୀ ତୁଳନାରେ ଛୋଟ ରଥ ନିର୍ମିତ ହୋଉଥିଲେ ମଧ୍ୟ ଏଠାକାର ରଥଯାତ୍ରାର ସ୍ୱାତନ୍ତ୍ୟ ରହିଛି । ଗୁଜୁରାଟ ଭାବାନଗର, ଇଦୋଦରା, ଗାନ୍ଧି ନଗର, ସୁରଟ ଓ ପୋରବନ୍ଦରରେ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହେଉଛି ।

ମଧ୍ୟପ୍ରଦେଶର ବସ୍ତର, ରାୟଗଡ଼ା ରାଜନନ୍ଦ ଖାଁ, ରାଜିମ, ରତ୍ନପୁର, ଦେଁଏସାଗଡ଼, ଜଗନ୍ନାଥପୁର, ମଳାର, ପୁସଭରଗାଁ, ଦନ୍ତେବାଡ଼ା, ବୁଧଧାରୀ, ଡୁଙ୍ଗରଗଡ଼, ଫୁଲଝର, ବିଳାସପୁର, ମହାନଦୀ ଓ ଜଙ୍କନଦୀର ସଙ୍ଗମସ୍ଥଳ ପ୍ରଭୃତି ଠାରେ ରହିଥିବା ଜଗନ୍ନାଥ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅନୁକ୍ରମେ ଛୋଟ ଛୋଟ ରଥରେ ଶ୍ରୀଜୀଉଙ୍କ ଏହି ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ବିହାରର ଇନ୍ଦ୍ୟଦ୍ୟୁମ୍ନ ଗଡ଼, ଚକ୍ରଧରପୁର, ସଣୁଆଁ, ଭାଲୁରୁଙ୍ଗି, ଗାନ୍ଧୀଟେଲା, ଧଳଭୂମି, ଟାଟା, ରେରୁଆ, ନାଗଫେଣୀ ଓ ରାଞ୍ଚିରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ୧୬୯୧ ତତ୍କାଳୀନ ରାଜାଙ୍କ ଦ୍ୱାରା ଏହି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ୧୯୯୨ରେ



ଏହାର ପୁନର୍ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ତେବେ ଏଠିକାର ରଥଯାତ୍ରା ସମୟରେ ସ୍ଥାନୀୟ ଆଦିବାସୀ ଓ ଓଡ଼ିଆଙ୍କ ଦ୍ୱାରା ଜଗନ୍ନାଥଙ୍କ ରଥଯାତ୍ରା ବେଶ ଧୁମଧାମରେ ପାଳିତ ହୁଏ । ପାହାଡ଼ ଉପରେ ମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପାହାଚ ବ୍ୟବସ୍ଥା ରହିବା ସହ ପାହାଡ଼ରେ ଗାଡ଼ିରେ ଚଢ଼ିବା ପାଇଁ ବ୍ୟବସ୍ଥା ରହିଛି । ସେହିପରି ଆସାମର ମିଶନୀ ଠାରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ତେବେ ମଣିପୁରର ରଥଯାତ୍ରା ସମ୍ପୂର୍ଣ୍ଣ ରୂପେ ସ୍ୱତନ୍ତ୍ର ।

ମଣିପୁର ରଥଯାତ୍ରାକୁ ସେଠାକାର ଅଞ୍ଚଳବାସୀ କାଞ୍ଚିଙ୍ଗବା ନାମରେ ନାମିତ କରିଛନ୍ତି । ସେଠାକାର ହିନ୍ଦୁଙ୍କ ପାଇଁ ଏହା ଏକ ପ୍ରମୁଖ ପାର୍ବଣ । ମଣିପୁର ପରି ପାହାଡ଼ ଘେରା ଉପତ୍ୟକା ଅଞ୍ଚଳରେ ରଥଯାତ୍ରା ପ୍ରଥମେ ୧୮୩୨ ଖ୍ରୀଷ୍ଟାବ୍ଦରେ ମହାରାଜା ଗମ୍ଭୀର ସିଂହଙ୍କ ଅମଳରେ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ପର୍ବ ଅଞ୍ଚଳବାସୀଙ୍କ ପାଇଁ ଅଧିକ ଲୋକପ୍ରିୟ ହୋଇଥିଲା । ସେଠାକାର ଶ୍ରଦ୍ଧାଳୁ ଜଗନ୍ନାଥଙ୍କୁ ଜଗବନ୍ଧୁ ନାମରେ ସମ୍ବୋଧିତ କରିଥାଆନ୍ତି । ପ୍ରତିବର୍ଷ ଜଗନ୍ନାଥ ଏହି ଅଞ୍ଚଳବାସୀଙ୍କ ସହାୟତାରେ ୨୦ ଫୁଟ ରଥରେ ୬ଟି ଲୁହା ଚକ ବିଶିଷ୍ଟ ରଥରେ ବିଜେ ହୁଅନ୍ତି ।

ସେହିପରି ବେଙ୍ଗାଲୁରୁର ୨୦୧୫ରୁ ରଥାଯାତ୍ରା ପାଳିତ ହେଉଛି । ବେଙ୍ଗାଲୁରୁରେ ବସବାସ କରୁଥିବା ୧୫ ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରା ପାଳିତ ହୋଇଥାଏ । ଦେଶରେ ରାଜଧାନୀ ଦିଲ୍ଲୀର ହାଉଜ ଖାସ ଅଞ୍ଚଳରେ ରହିଛି ଶ୍ରୀଜଗନ୍ନାଥ ମନ୍ଦିର । ସେଠାରେ ପ୍ରତିବର୍ଷ ବେଶ ଧୁମଧାମରେ ରଥଯାତ୍ରା ପାଳିତ ହୋଇଥାଏ । ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଓଡ଼ଶା କଳା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ଏହି ରଥଯାତ୍ରା ପାଳନ କରାଯାଏ । ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ପାଳନ କରାଯାଏ । ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ରଥଯାତ୍ରା ଅବସରରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ କଳାର ପ୍ରଚାର ପ୍ରସାର କରାଯାଏ । ଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆଙ୍କ ସମେତ ଦିଲ୍ଲୀବାସୀ ଉକ୍ତ ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରଥ ଟାଣିଥାନ୍ତି । ସେହିପରି ଚେନ୍ନଇର ରେଡ୍ଡି କୁପମ ରୋଡ଼ରେ ୨୦୦୧ରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇ ପ୍ରତିବର୍ଷ ରଥଯାତ୍ରା ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ । ଓଡ଼ିଶା ମନ୍ଦିର ନିର୍ମାଣ ଶୈଳୀରେ ଏହି ମନ୍ଦିର କରାଯାଇଛି । ତେବେ ଏଠାକାର ରଥ ସମ୍ପୂର୍ଣ୍ଣ ଭାବରେ ଷ୍ଟିଲରେ ନିର୍ମିତ । ଷ୍ଟିଲ ନିର୍ମିତ ରଥ ଉପରେ କାଠ ଓ ରଙ୍ଗ ବେରଙ୍ଗ ଲୁଗାରେ ସଜା ଯାଇଥାଏ । ଏହା ବ୍ୟତୀତ ମନ୍ଦିରର ଚର୍ତୁଃପାର୍ଶ୍ୱରେ ଥିବା ପଟ୍ଟଚିତ୍ର ଦକ୍ଷିଣ ଭାରତର ମନ୍ଦିରଠାରୁ ଭିନ୍ନ ରହିଛି ।

ହାଇଦ୍ରାବାଦ ବଞ୍ଜାରା ହିଲ ରୋଡ଼ସ୍ଥିତ ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ରଥଯାତ୍ରା ପାଳିତ ହୋଇଥାଏ । ୨୦୦୯ରେ ପ୍ରତିଷ୍ଠିତ ଏହି ମନ୍ଦିର ପରିସରରେ ରଥଯାତ୍ରା ଅବସରରେ ହଜାର ହଜାର ଭକ୍ତଙ୍କ ରୁଣ୍ଡ ହୋଇଥାଏ । ବାଲି ପଥରରେ ନିର୍ମିତ ଏହି ମନ୍ଦିରର ଉପର ଭାଗ ବେଶ ଆକର୍ଷଣୀୟ । ୬୦ଟି କୋଣରେ ବିଭିନ୍ନ ମନ୍ଦିରର ୭୦ ଫୁଟ ଉଚ୍ଚ ଚୂଡ଼ା ମନ୍ଦିରର ବିଶେଷତ୍ୱ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ମାନବ ଜାତିର ଏକ ମହାମିଳନର ପର୍ବ । ଏହି ଆଲେଖ୍ୟ ସମୟରେ ମନେପଡୁଛି କବି ଶାରିଆ ଭିକଙ୍କ ଆତ୍ମହରା ଭରା ଭକ୍ତି ନିବେଦନ - 'ଥକା ମନ ଚାଲ ଯିବା, ଚକାନୟନ ଦେଖିବା । ଶଙ୍ଖନାଭି ମଣ୍ଡଳରେ ବେନିନେତ୍ର ପଖାଳିବା ।'

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ମୋ: ୯୧୩୨୪୩୩୩୩୩

# ଶ୍ରୀଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତି

ଡକ୍ଟର ସୁରେଶ କୁମାର ନାୟକ

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା । ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ । ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି । ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ । ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ । ଅନନ୍ୟ ତାଙ୍କର ମହାପ୍ରସାଦ । ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ । ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ ନାହିଁ । ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ ମନେକରିଥାନ୍ତି । ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା । ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ । ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ । ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ । ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି । ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ । ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - 'ସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର ।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି ।

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ । **(ଅବଶିଷ୍ଟାଂଶ ପୃଷ୍ଠା ୭ରେ)**

# ରଥଯାତ୍ରା ବିଶେଷାଙ୍କ

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଶୁକ୍ରବାର,୨୭ ଜୁନ୍, ୨୦୨୫

## ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

### ଡକ୍ଟର ଲକ୍ଷ୍ମଣ ସାହୁ

ରଥଯାତ୍ରା ବନାମ ରଥ, ଘୋଷଯାତ୍ରା ଓ ଶ୍ରୀଗୁଣ୍ଡିଚା ନାମରେ ମଧ ନାମିତ ହୋଇଆସୁଛି । ଏହି ମହୋତ୍ସବ ଓଡ଼ିଶାର ପୁରୀଠାରେ ପାଳିତ ଓ ଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ହିନ୍ଦୁମାନଙ୍କ ଶ୍ରେଷ୍ଠ ପର୍ବ ବୋଲି ଧରାଯାଏ । ବିଶ୍ୱ ଦରବାରରେ ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ । ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ । ଏହି ଯାତ୍ରାକୁ ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ଆଦି ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ ହୋଇଛି । ଓଡ଼ିଶାରେ ପୁରୀ ବ୍ୟତୀତ ରଥଯାତ୍ରା ବିଭିନ୍ନ ସ୍ଥାନରେ ଏପରିକି ଓଡ଼ିଶା ବାହାରେ ମଧ ଦେଶ ବିଦେଶରେ ପାଳିତ ହେଉଛି ।

ବିଭିନ୍ନ ମତାନୁସାରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ୧. ସ୍ନାନ ଉତ୍ସବ, ୨. ଅନବସର, ୩. ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ୪. ଶ୍ରୀଗୁଣ୍ଡିଚା, ୫. ହେରାପଞ୍ଚମୀ, ୬. ଆଡ଼ପ ପର୍ବ, ୭. ବାହୁଡ଼ା ଯାତ୍ରା ଓ ୮. ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ ହୋଇଛି । ଯଥା ୧. ଅନ୍ତର୍ବେଦୀ, ୨. ମହାବେଦୀ ମହୋତ୍ସବ, ୩. ଆଡ଼ପ ଉତ୍ସବ, ୪. ଦକ୍ଷିଣାମୁଖୀ ଉତ୍ସବ ଓ ୫. ନୀଳାଦ୍ରି ବିଜେ । ଏହାକୁ ଗୁଣ୍ଡିଚା ପଞ୍ଚକ କୁହାଯାଏ ।

ବହୁ ପ୍ରାଚୀନ ତଥ୍ୟ ନେଇ ଗବେଷକମାନେ ରଥଯାତ୍ରା ଉପରେ ମତ ପ୍ରଦାନ କରିଛନ୍ତି । ଋଗବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳେ । ଯାହା ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ ଏହାର ଆଭାସ ମିଳିଥାଏ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧ୍ୟାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ । ତେଣୁ ବୋଧହୁଏ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା । ଯେଉଁ ସବୁ ରଥଯାତ୍ରାର ଉଲ୍ଲେଖ ହୋଇଛି ସେଥି ମଧ୍ୟରେ ଶ୍ରୀକ୍ଷେତ୍ର ଧାମ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ପ୍ରସାରିତ ଓ ଜନାଦୃତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି । କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାହିୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଆଜିସୁଦ୍ଧା ପ୍ରଚଳିତ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହ ମେଳ ଖାଉଛି ।

ରଥଯାତ୍ରାର ଅନେକ ପ୍ରତିଶବ୍ଦ ରହିଛି । ବିଶ୍ୱର ମଙ୍ଗଳ ଘୋଷଣା କରୁଥିବାରୁ ବା ବଡ଼ଠାକୁର ନନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଏହାକୁ ଘୋଷଯାତ୍ରା କୁହାଯାଏ । ସେଭଳି ଗୁଣ୍ଡିଚା ମଣ୍ଡପରେ ଥିବା ଆଡ଼ପମଣ୍ଡପରେ ବିଜେ କରୁଥିବାରୁ ଆଡ଼ପମଣ୍ଡପ ଯାତ୍ରା କହନ୍ତି । ଅନ୍ୟ ପକ୍ଷରେ ପ୍ରଭୁଙ୍କର ଜନ୍ମ ବେଦୀ ଆଡ଼ପମଣ୍ଡପଠାରେ ହୋଇଥିବାରୁ ଜନ୍ମ ?ବେଦୀ ବା ଅନ୍ତର୍ବେଦୀ ଯାତ୍ରା ଧରାଯାଏ । ଏପରିକି କେହି କେହି ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଦଶାବତାର ଯାତ୍ରା କହିଥାନ୍ତି । ଅନ୍ୟ ପକ୍ଷରେ ପ୍ରଭୁ ପତିତମାନଙ୍କୁ ଉଦ୍ଧାର କରିବାକୁ ଏହି ଯାତ୍ରା କରୁଥିବାରୁ ପତିତପାବନ ଯାତ୍ରା ବୋଲାଯାଏ । ମହାପ୍ରଭୁଙ୍କ ଏହି ଯାତ୍ରା ଯିବା ଆସିବା ଓ ରହଣୀକୁ ମିଶେଇ ୯ ଦିନ ହେଉଥିବାରୁ ନବଦିନାତ୍ମକ ଯାତ୍ରା କୁହାଯାଏ । ବିଶେଷତଃ ପ୍ରଭୁ ଗୁଣ୍ଡିଚା ଘରକୁ ଯାତ୍ରା କରୁଥିବାରୁ ଏହା ଗୁଣ୍ଡିଚା ଯାତ୍ରା ଅଟେ ।

ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ହରିହର କାନୁନଗୋଙ୍କ ମତରେ ଜଗନ୍ନାଥଙ୍କ ରଥଯାତ୍ରା ଏକ ବୌଦ୍ଧ ଅନୁଷ୍ଠାନ । ସିଂହଳରେ ଯେଉଁ ରଥଯାତ୍ରା ପାଳିତ ହୁଏ, ସେଥିରେ ବୁଦ୍ଧଙ୍କ ଦନ୍ତକୁ ବୈଶାଖ ଶୁକ୍ଳ ତ୍ରୟୋଦଶୀ ଦିନ ବାହାର କରି ହାତୀ ଉପରେ ଥୋଇ ମହା ସମାରୋହରେ ଶୋଭାଯାତ୍ରାରେ ନିଆଯାଏ ଓ ନଗରର ରାଜମାର୍ଗ ମାନ ବୁଲାଇ ସେହି ଦନ୍ତକୁ ଶେଷରେ ଏକ ମଣ୍ଡପରେ ସ୍ଥାପନ କରାହୁଏ । ସେଠାରେ ଛଅଦିନ ରହିବା ପରେ ପୁଣି ଦନ୍ତ ମନ୍ଦିରକୁ ଫେରି ଆସେ । ତେଣୁ ପୁରୀରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଜଗନ୍ନାଥ ମହାପ୍ରଭୁ କାଷ୍ଠ ନିର୍ମିତ ରଥରେ ବାହାରି ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଅତିକ୍ରମ କରି ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚନ୍ତି ଓ ସେଠାରେ ୭ଦିନ ରହି ପୁଣି ଶୁକ୍ଳ ଦଶମୀ ଦିନ



ଶ୍ରୀମନ୍ଦିରରକୁ ବାହୁଡା ବିଜେରେ ଫେରିଥାନ୍ତି ।

ପୁରାତନତତ୍ତ୍ୱବିତ ରାଜେନ୍ଦ୍ର ଲାଲ ମିତ୍ରଙ୍କ ମତନୁଯାୟୀ ପୁରୀର ରଥଯାତ୍ରା ବୁଦ୍ଧଦେବଙ୍କ ଜନ୍ମୋତ୍ସବ ପାଳନର ସ୍ମୃତି ମାତ୍ର । ଷୋଡ଼ଶ ଶତାବ୍ଦୀରେ ରଚିତ ମାଦଳା ପାଞ୍ଜିରେ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ଦେଖିବାକୁ ମିଳେ । ଏଥିରେ ଉଲ୍ଲେଖ ଅଛି ଯେ, ବୀର ନରସିଂହ ଦେବ ରାଜା ରାଜ୍ୟ କଲେ । ଏ ରାଜା ବାଙ୍କୀ ମୁହାଣ ପୋତାଇଲେ । ଆଗରୁ ଛଅ ରଥ ହେଉଥିଲା, ରାଜା ତାହା ପୋତାଇ ତିନି ରଥ କରାଇଲେ । ଗୁଣ୍ଡିଚା ଘର ଦେଉଳ କାଠ ମଣ୍ଡପ ହୋଇଥିଲା, ତାହା ପଥର ମଣ୍ଡପ କଲେ । ଏ ଦୁଇ ପାଖେ ବଳଗଣ୍ଡି କଲେ । ସେଭଳି କେହି ଜଣେ ଗବେଷକ ଲାଙ୍ଗୁଳା ନରସିଂହ ଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ (ଖ୍ରୀ.ଅ ୧୨୬୪-୧୨୭୮)ଙ୍କ ସମୟରେ ଛଅ ରଥ ପରିବର୍ତ୍ତେ ତିନି ରଥ ହେବାର ବ୍ୟବସ୍ଥା ହୋଇଥିଲା ବୋଲି ଦର୍ଶାଇଛନ୍ତି । ମାଦଳା ପାଞ୍ଜିରୁ ଏହି ଛଅ ରଥ କେବେଠାରୁ ଶ୍ରୀକ୍ଷେତ୍ରରେ ପ୍ରଚଳିତ ହେଲା, ସେ ସମ୍ପର୍କରେ କୌଣସି ତଥ୍ୟ ମିଳୁନାହିଁ । କିନ୍ତୁ ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ପୁରୀରେ ରଥ ଯାତ୍ରା ଅନୁଷ୍ଠିତ ହେଉଥିବାର ପ୍ରମାଣ ମିଳୁଛି । ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ରଚିତ ସ୍କନ୍ଧ ପୁରାଣ ଉତ୍କଳ ଖଣ୍ଡର ପୁରୁଷୋତ୍ତମ ମାହାତ୍ମ୍ୟରେ ରଥଯାତ୍ରାର ସବିଶେଷ ବିବରଣୀ ମଧ ଉଲ୍ଲେଖ ରହିଛି ।

ଖ୍ରୀ.ଅ ଅଷ୍ଟମ ବା ନବମ ଶତାବ୍ଦୀରେ ସୋମବଂଶୀ ରାଜା ଯଯାତି କେଶରୀଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଷୟ ଭିକାରୀ ପଟ୍ଟନାୟକଙ୍କ ୧୮୫୯ ସାଲରେ ରଚିତ ରଥ ଚକଡା ପୋଥିରୁ ଉଦ୍ଧାର କରି ଗବେଷକ ସଦାଶିବ ରଥଶର୍ମା ପ୍ରକାଶ କରିଛନ୍ତି । ଏହି ରଥ ଚକଡା ପାଣ୍ଡୁଲିପିଟି ପୁରୀ ବାସେଲି ସାହିର ତତ୍କାଳୀନ ରଥ ଅମୀନ ଓ ରଥକାର ଫକୀର ମହାପାତ୍ରଙ୍କ ଠାରୁ ପ୍ରାପ୍ତ ଓ ପୁରୀ ବଡ଼ ଓଡ଼ିଆ ମଠରେ ତାହା ସୁରକ୍ଷିତ ଥିଲା ବୋଲି ରଥଶର୍ମା ଉଲ୍ଲେଖ କରିଛନ୍ତି । ଯଯାତିଙ୍କ ବେଳେ ଜଗନ୍ନାଥ ମନ୍ଦିରର ଉଚ୍ଚତା ମାତ୍ର ୪୮ ହାତ ଥିଲା । ଠାକୁରେ ୨ହାତ ୧୦ଆଙ୍ଗୁଳର ଥିଲେ ଓ ରଥମାନ ୧୮ ହାତ ଉଚ୍ଚ ଥିଲା । ତିନି ରଥ ବୋଧେ ସମାନ ଥିଲା । ରଥ ଛଅ ଗୋଟି ହେଉଥିଲା । ବଳଗଣ୍ଡି ପର୍ଯ୍ୟନ୍ତ ତିନିରଥ ଯାଉଥିଲା । ଇନ୍ଦ୍ରଦ୍ୟୁମ୍ନ ପାଟଣାରେ ତିନିରଥ ନିର୍ମାଣ କରାଯାଉଥିଲା । ଏହା ଚାରି ଚକିଆ ରଥ ଶଗଡି ସଦୃଶ୍ୟ ହେଉଥିଲା । ଏହି ତିନିଗୋଟି ରଥ ମାଳିନୀ ବା ବଡ଼ ନଈର ଉତ୍ତର ଭୂମିରେ ଆଡ଼ପ ମଣ୍ଡପ ବା ଗୁଣ୍ଡିଚା ଘରକୁ ଯାଉଥିଲା ।

ବିଶେଷତଃ ସିଂହଦ୍ୱାର ଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ଯାଉଥିବା ରଥ ଷୋହଳ ଚକିଆ , ଚଉଦ ଚକିଆ ଓ ବାର ଚକିଆ । ରଥ ଉପରେ ସୁନାର ତିନିବେଣ୍ଟିଆ ଧ୍ୱଜ କଳସ ଲାଗୁଥିଲା । କନକ ମୁଣ୍ଡାଇରେ ରନ୍ ଚାନ୍ଦୁଆ ଟଣା ହେଉଥିଲା । ଅନ୍ୟ ଗୋଟିଏ ଛୋଟ ରଥରେ ବଜନ୍ତରି, ରଥ ଘଣ୍ଟୁଆ, ବାଦ୍ୟକାରମାନେ ଯାଉଥିଲେ । ପଛରେ ଭକ୍ତମାନେ ତିନି ରଥକୁ ଟାଣୁଥିଲେ । ରଥରେ ଚାଉଳ, ନଡିଆ ଖଣ୍ଡ ପଡି ଭୋଗ ଲାଗୁଥିଲା । ତାହା ଅଳ୍ପ ସଂଖ୍ୟକ ସମବେତ ଭକ୍ତଗଣଙ୍କୁ ବଣ୍ଟନ କରାଯାଉଥିଲା । ବଳଗଣ୍ଡିଠାରେ ରଥ ପହଞ୍ଚିଲେ ଦୋଳଚାପରେ ନଈ ପାରି ହୋଇ ଅର ପଟକୁ ଠାକୁରମାନେ ବିଜେ କରି ଚାରି ଚକିଆ ଶଗଡି ରଥରେ ବସି ଗୁଣ୍ଡିଚା ମନ୍ଦିର ବେଢାକୁ ଯାଆନ୍ତି । ସାତ ଦିନ ପରେ ନବଦିନ ଯାତ୍ରା ସମାପ୍ତ ହେବା ପରେ ବାହୁଡା ଯାତ୍ରା ଅନୁଷ୍ଠିତ ହେଉଥିଲା ।

ପ୍ରାବନ୍ଧକ ଡକ୍ଟର ହରିହର କାନୁନଗୋଙ୍କ ମତରେ ଯଯାତିଙ୍କ ସମୟରେ ହୋଇଥିବା ଘଟଣାଟି ବିଶ୍ୱାସଯୋଗ୍ୟ ମନେହୁଏ । ସମ୍ଭବତଃ ଜଗନ୍ନାଥଙ୍କୁ ୩୮ ହାତର ଏକ ପଟୋଳରେ ସ୍ଥାପନା କଲା ବେଳେ ପୂର୍ବରୁ ଅନୁସୃତ ରଥଯାତ୍ରା ପରମ୍ପରାର ପ୍ରଭାବରେ ଯଯାତି ଏହି ରଥଯାତ୍ରାର ପ୍ରଚଳନ କରିଥିଲେ । ପରବର୍ତ୍ତୀ ଦ୍ୱାଦଶ ଶତାବ୍ଦୀରେ ୧୦୦ ହାତର କିମ୍ବା ୧୨୫ ହାତର ବଡ଼ ଦେଉଳ ନିର୍ମାଣ ସମାପ୍ତି ଓ ଠାକୁରମାନଙ୍କ ବିଜେ ତୃତୀୟ ଅନଙ୍ଗଭୀମ ଦେବ (ଖ୍ରୀ.ଅ.୧୨୧୧-୧୨୩୮)ଙ୍କ ସମୟ ହୋଇଥିବାରୁ ସେହି ବର୍ଷଠାରୁ ପୂର୍ବ ସ୍ମୃତିକୁ ମନେ ରଖିବା ପାଇଁ ବଡ଼ ଦେଉଳରୁ ଗୁଣ୍ଡିଚା ଘରକୁ ଦିଅଁଙ୍କର ରଥଯାତ୍ରା ଦକ୍ଷିଣାଭିମୁଖୀରେ ହୋଇଥିବା ସମ୍ଭବପର । ଯଯାତିଙ୍କ ସମୟରେ ବଡ଼ ଦାଣ୍ଡର ବଳଗଣ୍ଡିଠାରେ ମାଳିନୀ ନଦୀ ପ୍ରବାହିତ ହେଉଥିବାରୁ ଛଅ ରଥ ନିର୍ମାଣ କରାଯାଉଥିଲା ଓ ବୀର ନରସିଂହ ଦେବ ଓରଫ ପ୍ରଥମ ଭାନୁଦେବ (ଖ୍ରୀ.ଅ.୧୨୬୪-୧୨୭୮) କିମ୍ବା ଦ୍ୱିତୀୟ ନରସିଂହ ଦେବ (ଖ୍ରୀ.ଅ ୧୨୭୮-୧୩୦୭)ଙ୍କ ସମୟରେ ଏହି ମାଳିନୀ ନଦୀ (ଶରଧାବାଲି)କୁ ପୋତି ଦେବା ଫଳରେ ଛଅ ରଥ ପରିବର୍ତ୍ତେ ତିନି ରଥ ତିନି ରଥ ନିର୍ମିତ ହୋଇ ଆସୁଅଛି ।

ଅପରପକ୍ଷରେ ଦେଖିବାକୁ ଗଲେ ଗବେଷକ ଡଃ ନୀଳକଣ୍ଠ ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ଖ୍ରୀ.ଅ ୧୨୭୦ରେ ମାଧବାଚାର୍ଯ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ କାଳରେ ଏକ ଯାତ୍ରାରେ ଦୁଇ ପ୍ରକାର ରଥ ବ୍ୟବହାର ଶାସ୍ତ୍ର ବିରୋଧୀ ବୋଲି ମତ ଦେଇ ମାଳିନୀ ନଦୀ ପୋତି ବଡ଼ଦାଣ୍ଡରେ ମାତ୍ର ତିନି ଗୋଟି ରଥରେ ରଥଯାତ୍ରା ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ତେଣୁ ଗଙ୍ଗ ସମ୍ରାଟ ଅନଙ୍ଗ ଭୀମ ଦେବଙ୍କ ପୁତ୍ର ପ୍ରଥମ ଭାନୁଦେବ (୧୨୬୪-୧୨୮୭ ଏ ବ୍ୟବସ୍ଥା କରିଥିଲେ । ମାଳିନୀ ବା ଶରଧା ନଦୀ ପୋତା ହେଲା ପରେ ଏହା ବଡ଼ ଦାଣ୍ଡରେ ପରିଣତ ହେଲା । ସେବେଠାରୁ ବଡ଼ ଠାକୁରଙ୍କ ବଡ଼ ଦାଣ୍ଡରେ ବିଜେ କୁହାଯାଏ ।

ଖ୍ରୀଷ୍ଟୀୟ ନବମ ଶତାବ୍ଦୀର କବି

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଶ୍ରୀଗୁଣ୍ଡିଚା ଯାତ୍ରା

### ନିରଞ୍ଜନ ସାହୁ

ଆଷାଢ଼ ଶୁକଳ ଦ୍ୱିତୀୟା ତିଥିରେ
ବଡ଼ଦାଣ୍ଡେ ରଥ ଗଡିବ
ଘୋଷ ଘଣ୍ଟୁଆଙ୍କ ଘଣ୍ଟ ମାଡ଼ ହେବ
ଚୌଦିଗ ଉଛୁଳି ପଡିବ ।

ତିନି ରଥେ ବିଜେ ହେବେ ଦିଅଁମାନେ
ରତ୍ନ ସିଂହାସନ ଛାଡି
ବଡ଼ଦାଣ୍ଡେ ରଥ ଗଡିଗଡି ଯାଇ
ରହିବ ଗୁଣ୍ଡିଚା ବାଡ଼ି
ହରିବୋଲ ହୁଳହୁଳି ପଡୁଥିବ
ଭକତ ଭକ୍ତିରେ ଜଡ଼ିବ ।

ପହଣ୍ଡି ବିଜୟ, ଛେରା ପହଁରା ଯେ
ଗୁଣ୍ଡିଚାରେ ମୁଖ୍ୟ କାର୍ଯ୍ୟ
ସେଥିପାଇଁ ସବୁ କାର୍ଯ୍ୟ ନିର୍ଘଣ୍ଟ ଯେ
ହୋଇସାରିଥାଏ ଧାର୍ଯ୍ୟ
ରଥ ଟଣାଗଲେ ଭକ୍ତ ଉଚ୍ଚସ୍ୱରେ
' ଜୟ ଜଗନ୍ନାଥ' ରଡିବ ।

ଓଡ଼ିଆ ଜାତିର ଜନଜୀବନରେ
ଏ ଯାତ୍ରା ପରି କେ' ହେବ
ପଲ୍ଲୀ ଠୁଁ ସହର ରଥ ଟଣାଯିବ
ଅପାର ଆନନ୍ଦ ଦେବ
ବିଶ୍ୱ ଦରବାରେ ଓଡ଼ିଆ ଜାତିର
ଯଶ ବୈଜୟନ୍ତୀ ଉଡ଼ିବ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଜୀବନ ରଥ : ଶ୍ରୀଜଗନ୍ନାଥ

### ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ । ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି । ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ



ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ । ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ । ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ । ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି । ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ । ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ । ବିପଦରୁ ଉଦ୍ଧାର ହୁଏ । ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ । ଅହେତୁକୀ କୃପା ବୋଲି କିଛି ନାହିଁ । କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି । ଏହା ତୁମେ ବୁଝି ପାର ବା ନପାର । ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି । ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧାତ୍ମିକ ଚେତନା ଭିତରେ ସ୍ୱୀକୃତ । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା । କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ ।

+ପ୍ରତିରତ୍ୱିକ ଓ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ରଥଦିଅଁ ପଥଦିଅଁ ବଡ଼ଦିଅଁ କାଳିଆ

### ତାରାପ୍ରସାଦ ଜେନା

ରଥ ଦିଅଁ ପଥ ଦିଅଁ, ବଡ଼ ଦିଅଁ କାଳିଆ
ଜଗତରେ କେହି ହେଲେ, ନାହିଁ ତାର ଭଳିଆ !

ଲୁହ ସାଥେ ମୋହ ରଖି, ଡାକ ପ୍ରାଣ ଠାକୁର
ଦୁଃଖ ପୋଛି ସୁଖ ଦେବ, ନାହିଁ ବାଛ ବିଚାର
ଗୁଣ୍ଡିଚାରେ ଉଭା ସିଏ, ଧରି ଭାଇ ବଳିଆ !

ସୁଭଦ୍ରା ସେ ଭଉଣୀଟେ ବଡ଼ ଗେଲି ନିଜର
ସଙ୍ଗେ ଧରି ବୁଲାଉଛି, ଦଶ ଦିନ ଯାତ୍ରାର
ମାଉସୀର ପୋଡ଼ପିଠା, ଶ୍ରଦ୍ଧା ଖିଆ ଚଳିଆ !

ଜଗତର ଜଗବନ୍ଧୁ, ନାଲି ହସ ଅଧର
ଦିବ୍ୟ ଭବ୍ୟ ଦରଶନେ, ପୁଣ୍ୟ ପ୍ରାଣ ଆଧାର
ମହାଲକ୍ଷ୍ମୀ ନେଇନାହିଁ, ନିଜେ ସାଜି ଛଳିଆ !

+ ରାଜ ରଣପୁର, ଜିଲ୍ଲା- ନୟାଗଡ଼,
(ମୋ) ୯୩୪୮୦୫୪୩୦୦

## ଜୟ ଜଗନ୍ନାଥ

### ସୁଶାନ୍ତ ରଣା

ପାଖେଇ ଆସୁଛି
ଶ୍ରୀଗୁଣ୍ଡିଚା ଯାତ
ଯିବାକୁ ମନ ଅଧୀର
ଜଗା ଡୋରି ହେଲେ
ଯାତ ମୁଁ ଦେଖିବି
ରଥରେ ତିନି ଠାକୁର ।

ବଡ଼ ଦେଉଳରେ
ବଡ଼ ସେ ଠାକୁର
ବଡ଼ ବଡ଼ ଆଖି ତାର
ସେ ଆଖିରେ ଦେଖେ
ବିଶ୍ୱ ବ୍ରହ୍ମାଣ୍ଡ
ମହିମା ତାର ଅପାର ।

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ତାର
ପୁରୀ ବଡ଼ଦାଣ୍ଡେ ହୁଏ
ଭକ୍ତଙ୍କୁ ଦେଖିବା ପାଇଁ ଭଗବାନ
ବାହାରି ଆସନ୍ତି ସିଏ ।

ଦେଶ ବିଦେଶରୁ ଭକତ ଆସନ୍ତି
କରି ଜଗନ୍ନାଥ ଗାନ
ଭକ୍ତ ଭଗବାନ
ହୋନ୍ତି କୋଳାକୋଳି
ପବିତ୍ର ମହା ମିଳନ ।

+ ତେରେସିଂହା, ଜି. କଳାହାଣ୍ଡି
ମୋ. ୭୮୯୪୬୫୮୨୭୪

## ମନ ନନ୍ଦିଘୋଷ

### ହେମନ୍ତ କୁମାର ଗନ୍ତାୟତ



ମନ ନନ୍ଦିଘୋଷ ତୋଳିଛି କାଳିଆ
ବସିବୁ କି ଥରେ ଆସି
ହସି ହସି ମୁହିଁ ପହଣ୍ଡି କରିବି
ଅଙ୍ଗେ ହେଉଥିବି ଘଷି ।

କସ୍ତୁରୀ ଚନ୍ଦନ ବୋଳିଦେବି ଦେହେ
ବାସୁଥିବୁ ମହ ମହ
ଦୟଣା ତୁଳସୀ କଣ୍ଠେ ଲମ୍ବାଇବି
ନାଚୁଥିବି ତୋର ସହ ।

ହୃଦ ତାଳେ ତାଳେ ଘଣ୍ଟ ବଜାଇବି
ତୁଣ୍ଡେ ଦେବି ହରିବୋଲ
ଅତି ଯତନରେ ଛେରା ପହଁରିବି
ବିଞ୍ଚୁଥିବି ଗନ୍ଧ ଫୁଲ ।

ଅନ୍ତର ଜ୍ୟୋତିରେ
ଆଳତି କରିବି
ଶ୍ରୀଅଙ୍ଗକୁ ତୋର ମୁହିଁ
ଆଲଟ ଚାମର ସାଦରେ ସେବିବି
ଭାବ ରାଇଜ ରହି ।

ସାରଥି ହୋଇଣ
ରଥ ତୋ ବାନ୍ଧିବି
ଯିବାଯେ ଆଡ଼ପ ଘର
ମାଉସୀ ହୋଇ ମୁଁ
ପୋଡପିଠା ଦେବି
ଜଗିଣ ଦୁଆରେ ମୋର ।

ରଥ ମୁହିଁ ହେବି ପଥ ମୁହିଁ ହେବି
ନଥିବେ ତୋବିନା କେହି
ରଥୀ ହୋଇ ସଦା ରଥେ ବସୁଥିବୁ
ପୂଜୁଥିବି ଏକା ମୁହିଁ ।

+ ଆସିକା,ଗଞ୍ଜାମ

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ମାନବବାଦ ଓ ଶ୍ରୀଜଗନ୍ନାଥ



ଡାକ୍ତର ରାମପ୍ରସାଦ ରାୟ

ସୃଷ୍ଟିର ମଣିଷ ଜୀବନ ଦୁର୍ଲ୍ଲଭ । ମଣିଷ ସମାଜ ଓ ବ୍ୟକ୍ତିର ମଙ୍ଗଳ ପାଇଁ ପ୍ରତୀମାପୂଜା, ଧର୍ମାନୁଷ୍ଠାନ ଗଠନ ଏବଂ ଶ୍ରୀଜଗନ୍ନାଥଙ୍କ ଆରାଧନା । କହୁଁ ପ୍ରତିମା ପୂଜା ବା ଶ୍ରୀଜଗନ୍ନାଥଙ୍କ ଆରାଧନା ମୂଳରେ ମନୁଷ୍ୟର କଲ୍ୟାଣ ସାଧନ ମୂଳ ଲକ୍ଷ୍ୟ । ମଣିଷ ହିଁ ମଣିଷର ମୁଖ୍ୟ ଅଧ୍ୟୟନ ବସ୍ତୁ । ନାରୀ ଓ ପୁରୁଷ ସୃଷ୍ଟିର ମୂଳ । ତହୁଁ ନର, ନାରୀ ସମ୍ପର୍କ ମଧ୍ୟ ଗଭୀର ହେବାକୁ ବାଧ୍ୟ । ଏହା ଶ୍ରଦ୍ଧା, ସାମାଜିକତା ଆକର୍ଷଣ ମଧ୍ୟରେ ପରିସ୍ଫୁଟ । ଏହା କେବଳ ଦେହ ସମ୍ପର୍କୀୟ ଏକ ସ୍ଥୂଳ ବ୍ୟବସ୍ଥା ନୁହେଁ । ମାତ୍ର ନାରୀ ଓ ନର ପ୍ରତି ଆକର୍ଷଣ ମୂଳରେ କାମ ନିଶ୍ଚୟ ଅଛି । ଏହି କାମ ଉପରକୁ ମନକୁ ଓ ସମାଜକୁ ନେବାରେ ପ୍ରତିମାପୂଜା ଏକ ପ୍ରଧାନ ଉପାୟ ବା କୌଶଳ । ମଣିଷ ମନକୁ ମହତ୍ତର କରିବା ପ୍ରତିମାପୂଜା ଶିକ୍ଷା ଦିଏ । ପ୍ରତିମାପୂଜା ବିବର୍ତ୍ତନ ଇତିହାସ ସହ ମଣିଷ ମନର ଉତ୍କର୍ଷ ଗଭୀର ଭାବରେ ସମ୍ବନ୍ଧଶୀଳ ।

ତନ୍ତ୍ର, ଶକ୍ତି ଉପାସନା ବା ମାତୃପୂଜାରେ ଏହି ସୃଷ୍ଟି ତତ୍ତ୍ୱ ନିବିଡ଼ ଭାବରେ ସଂପୃକ୍ତ । ମାଆ ହେଉଛି ଜନ୍ମଦାତ୍ରୀ ଏବଂ ମଣିଷ ଜୀବନର ମୂଳଦୁଆ । ତହୁଁ ମାତୃପୂଜା ଆଦି ଭାରତୀୟ ଧର୍ମ ଧାରଣାର ଏକ ଅଙ୍ଗ ବେଦପୂର୍ବରୁ ବୋଲି ସୁବିଦିତ । ଦାମ୍ପତ୍ୟ ଜୀବନକୁ ମଧୁର, ମହତ୍ତର କରିବା ପ୍ରତିମା ପୂଜା ବା ବହୁ ଧର୍ମ ଧାରାର ମୂଳ ଉଦ୍ଦେଶ୍ୟ । ତହୁଁ ପ୍ରତିମା ପୂଜା ବା ଧର୍ମାନୁଷ୍ଠାନରେ ମଣିଷକୁ ତ୍ୟାଗକରି କୌଣସି ଅବାସ୍ତବ ଆଦର୍ଶ ଅଭିମୁଖୀ ନୁହେଁ ।

ମଣିଷର ବ୍ୟକ୍ତିଗତ ଓ ସାମାଜିକ କଲ୍ୟାଣ ସାଧନ ପାଇଁ ଶ୍ରୀଜଗନ୍ନାଥଙ୍କ ପୂଜା, ପର୍ବ-ପର୍ବାଣୀ ଏବଂ ଅର୍ଚ୍ଚନା, ଆରାଧନା । ଏହି ମାନବ ବାଦ ରୁକ୍ଷ ଜଡ଼ବାଦୀ ମାନବବାଦ ଠାରୁ ପୃଥକ ଓ ସ୍ୱତନ୍ତ୍ର । ଚେତନଶୂନ୍ୟ ଜଡ଼ରୁ ଜଡ଼ ସିନା ସୃଷ୍ଟି ହୋଇପାରେ, ମାତ୍ର ଚେତନ ଜଡ଼ ମଧ୍ୟରୁ କିପରି ଆସେ ? ଶ୍ରୀଜଗନ୍ନାଥ ଜଡ଼ ଦେବତା ନୁହନ୍ତି । ସେ ଏକ ମହାଚେତନ ଶକ୍ତିର ପରିପ୍ରକାଶ ଓ ପ୍ରତୀକ ।

ଶ୍ରୀଜଗନ୍ନାଥଙ୍କୁ କେବଳ ଧାର୍ମିକ ଦୃଷ୍ଟିରେ ଦେଖିଲେ ସମ୍ୟକ ଦର୍ଶନ ହେବନାହିଁ । ସେ ଓଡ଼ିଶା ଓ ଭାରତ ଇତିହାସ ଓ ଲୋକମାନଙ୍କ ଜୀବନ ସହ ସଂପୃକ୍ତ । ଶ୍ରୀଜଗନ୍ନାଥ ଲୋକ ଦେବତା । ତାଙ୍କ ନାଁଟି ବିଶ୍ୱବୋଧ ସୂଚୀତ । ଓଡ଼ିଶାର ସାଧାରଣ ଜୀବନକୁ ଦୁଇଟି ଶକ୍ତି ବିଶେଷ ପ୍ରଭାବ ପକାଇଛି । ଏକ ହେଲା ଶ୍ରୀଜଗନ୍ନାଥ ଦାଶଙ୍କ ଓଡ଼ିଆ ଏକାଦଶ ସ୍କନ୍ଦ ଭାଗବତ । ଦ୍ୱିତୀୟଟି ହେଲା ଶ୍ରୀଜଗନ୍ନାଥ ଅନୁଷ୍ଠାନ । ଓଡ଼ିଆ ଭାଗବତ ରଚନା ପୂର୍ବରୁ ଶ୍ରୀଜଗନ୍ନାଥ ପ୍ରତିଷ୍ଠିତ ଓ ତାଙ୍କ ମହିମା ସଚାଳିତ । ହିନ୍ଦୀ ସାହିତ୍ୟରେ ତୁଳସୀ ଦାଶ ଶ୍ରୀରାଚରିତ ମାନସ ଭଳି ଓଡ଼ିଆରେ ଭାଗବତ । ସଂସ୍କୃତ ଲୋକେ ବୁଝି ପାରିବେ ନାହିଁ ବୋଲି ଶ୍ରୀଜଗନ୍ନାଥ ଦାଶ ଓଡ଼ିଆ ଜାତୀୟ ଜୀବନରେ ଅକ୍ଷୟ ଉପକାର ସାଧନ କରିଯାଇଅଛନ୍ତି । ଶ୍ରୀଜଗନ୍ନାଥ ଏକମାତ୍ର ଦେବତା ସେ ଓଡ଼ିଶାର ଗ୍ରାମେ ଗ୍ରାମେ ପରିଚିତ । ଆର୍ଯ୍ୟମାନଙ୍କ ଧର୍ମ ଧାରାରେ ପ୍ରତିମା ପୂଜା ନାହିଁ । ଆର୍ଯ୍ୟମାନେ ହୋମ ଓ ନିରାକାର ବ୍ରହ୍ମଙ୍କୁ ପ୍ରାର୍ଥନା କରନ୍ତି । ଆର୍ଯ୍ୟ ମାନଙ୍କ ଚଳଣିରେ ଜାତି ଭେଦ ନାହିଁ । ଏବେ ବି ଦିଲ୍ଲୀ ଆର୍ଯ୍ୟ ସମାଜରେ ନିର୍ଦ୍ଦିଷ୍ଟ ବ୍ରାହ୍ମଣ ବା ପୁରୋହିତ ନାହାନ୍ତି । ଧର୍ମସଭା ଓ ହୋମ ସମୟରେ ଜଣେ ପୁରୋଧା ବା ପୁରୋହିତ କାର୍ଯ୍ୟ ସମ୍ପାଦନ କରନ୍ତି ।

ବିଶ୍ୱର ସବୁ ଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣଦେବତା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ । ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରବାହ ସର୍ବଜନସ୍ୱୀକୃତ । ଓଡ଼ିଶାର ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ଜାତୀୟ ଓ ଆନ୍ତର୍ଜାତୀୟ ସଂହତିର ପ୍ରତୀକ ଅଟନ୍ତି । ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଜାତୀୟ ଜୀବନର ପ୍ରତୀକ । ସେ ହିଁ ଏକମାତ୍ର ସେବ୍ୟ ଅନ୍ୟ ସମସ୍ତେ ସେବକ । ସେ ମନୁଷ୍ୟ ଠାରୁ ଆରମ୍ଭ କରି କୀଟ ପତଙ୍ଗ ସଚରାଚର ସମସ୍ତଙ୍କର ନାଥ ସେ ଅଦ୍ୱିତୀୟ ।

କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ,
ଦୂରଭାଷ : ୮୨୬୦୪୦୮୮୩୬

# ବିଶ୍ୱ ଶକ୍ତି ସମୀକ୍ଷା ୨୦୨୫: ବଢୁଛି ଅଙ୍ଗାରକାମ୍ଳ ନିର୍ଗମନ, ଅଧୁରା ରହୁଛି ସବୁଜ ଶକ୍ତିର ଲକ୍ଷ୍ୟ

ବିଶ୍ୱ ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ନେଇ ଚିନ୍ତା ବଢୁଥିବା ବେଳେ, ଏନର୍ଜି ଇନଷ୍ଟିଚ୍ୟୁଟ୍‌ର ୨୦୨୫ ବାର୍ଷିକ ବିଶ୍ୱ ଶକ୍ତି ସମୀକ୍ଷା ରିପୋର୍ଟ ଏକ ବିପଦପୂର୍ଣ୍ଣ ଚିତ୍ର ଉପସ୍ଥାପନ କରିଛି । ଏହି ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱବ୍ୟାପୀ ଅଙ୍ଗାରକାମ୍ଳ (CO2) ନିର୍ଗମନ ଲଗାତାର ଚତୁର୍ଥ ବର୍ଷ ପାଇଁ ରେକର୍ଡ ସ୍ତରରେ ପହଞ୍ଚିଛି । ଏହା ପୂର୍ବ ବର୍ଷର ୪୦.୮ ଗିଗାଟନ୍‌ର ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି, ଯାହା ଆମ ଗ୍ରହ ପାଇଁ ଏକ ଅତ୍ୟନ୍ତ ଚିନ୍ତାଜନକ ସଙ୍କେତ । ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ବିଶ୍ୱ ସ୍ତରରେ ଅନେକ ପ୍ରତିଶ୍ରୁତି ଓ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ, ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ଦିଗକୁ ଇଙ୍ଗିତ କରୁଛି । ଏହି ରିପୋର୍ଟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଜୀବାଶ୍ମ ଇନ୍ଧନର ବ୍ୟବହାର ବୃଦ୍ଧି ପାଉଥିବାରୁ ବିଶ୍ୱ ଅର୍ଥନୀତିକୁ ଏଥିରୁ ଦୂରେଇ ରଖିବା ଏକ ବଡ଼ ଆହ୍ୱାନ ପାଲଟିଛି ।

୨୦୨୪ ମସିହାରେ ବିଶ୍ୱର ମୋଟ ଶକ୍ତି ଯୋଗାଣରେ ୨ ପ୍ରତିଶତ ବୃଦ୍ଧି ଘଟିଛି । ଏହା ଆଶ୍ଚର୍ଯ୍ୟଜନକ ଯେ, ତୈଳ, ଗ୍ୟାସ୍, କୋଇଲା ଭଳି ପାରମ୍ପରିକ ଇନ୍ଧନ ସହିତ ପରମାଣୁ, ଜଳବିଦ୍ୟୁତ୍ ଏବଂ ଅକ୍ଷୟ ଶକ୍ତି ସମସ୍ତ କ୍ଷେତ୍ରରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଏଭଳି ସ୍ଥିତି ଶେଷ ଥର ପାଇଁ ୨୦୦୬ ମସିହାରେ ଦେଖାଯାଇଥିଲା । ରିପୋର୍ଟ ଦର୍ଶାଉଛି ଯେ, ୨୦୨୪ରେ ବିଶ୍ୱର ମୋଟ ଶକ୍ତି ବ୍ୟବହାରର ୮୬.୬ ପ୍ରତିଶତ ତୈଳ, ପ୍ରାକୃତିକ ଗ୍ୟାସ୍ ଏବଂ କୋଇଲାରୁ ଆସିଛି । ଏହି ବର୍ଷ ବିଶ୍ୱ ମୋଟ ୫୯୨ ଏକ୍ସାଜୁଲ୍ ପ୍ରାଥମିକ ଶକ୍ତି ବ୍ୟବହାର କରିଛି । ଏଥିମଧ୍ୟରୁ ତୈଳରୁ ୧୯୯ ଏକ୍ସାଜୁଲ୍, କୋଇଲାରୁ ୧୬୫ ଏକ୍ସାଜୁଲ୍ ଏବଂ ପ୍ରାକୃତିକ ଗ୍ୟାସରୁ ୧୪୯ ଏକ୍ସାଜୁଲ୍ ଶକ୍ତି ଆସିଛି । କୋଇଲାରୁ ଉତ୍ପାଦିତ ଶକ୍ତି ଅକ୍ଷୟ ଶକ୍ତିର ମୋଟ ଉତ୍ପାଦନ ଠାରୁ ପାଞ୍ଚ ଗୁଣ ଅଧିକ ରହିଛି । ପ୍ରାକୃତିକ ଗ୍ୟାସ୍ ବ୍ୟବହାରରେ ୨.୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ, କୋଇଲା ବ୍ୟବହାର ୧.୨ ପ୍ରତିଶତ ବୃଦ୍ଧି ପାଇ ବିଶ୍ୱର ସବୁଠାରୁ ବଡ଼ ଶକ୍ତି ଉତ୍ସ ଭାବରେ ରହିଛି । ତୈଳ ବ୍ୟବହାର ୧ ପ୍ରତିଶତରୁ କମ୍ ବୃଦ୍ଧି ପାଇଛି, କିନ୍ତୁ ଏହା ପ୍ରଥମ ଥର ପାଇଁ ଦିନକୁ ୧୦୧ ନିୟୁତ ବ୍ୟାରେଲ୍ ଅତିକ୍ରମ କରିଛି । ଏହି ତଥ୍ୟ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଜୀବାଶ୍ମ ଇନ୍ଧନ ଉପରେ ବିଶ୍ୱର ନିର୍ଭରଶୀଳତା ଏବେ ମଧ୍ୟ ଅତ୍ୟନ୍ତ ଅଧିକ ରହିଛି ।

ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିଲେ ମଧ୍ୟ ତାହା ଆଶାନୁରୂପ ନୁହେଁ । ୨୦୨୪ ମସିହାରେ ପବନ ଏବଂ ସୌର ଶକ୍ତି ୧୬ ପ୍ରତିଶତ ବୃଦ୍ଧି ପାଇଛି, ଯାହା ମୋଟ ଶକ୍ତି ଚାହିଦା ତୁଳନାରେ ନଅ ଗୁଣ ଅଧିକ । ତଥାପି, ଏହା ବିଶ୍ୱର ମୋଟ ଶକ୍ତି ବ୍ୟବହାରର ମାତ୍ର ୫.୫ ପ୍ରତିଶତ (ଜଳବିଦ୍ୟୁତ୍ ବ୍ୟତୀତ) ପୂରଣ କରୁଛି । ପବନ ଏବଂ ସୌର ଶକ୍ତିରୁ ବିଶ୍ୱର ମୋଟ ବିଦ୍ୟୁତ୍ ଉତ୍ପାଦନରେ ଅଂଶ ୨୦୨୩ରେ ୧୩ ପ୍ରତିଶତରୁ ୨୦୨୪ରେ ୧୫ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି କ୍ଷେତ୍ରରେ ଚୀନ୍‌ର ଅବଦାନ ଅଧାରୁ ଅଧିକ ରହିଛି । **COP28** ରେ ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣ କରିବା ପାଇଁ ଏକ ବଡ଼ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ବିଶ୍ଳେଷକମାନେ କହିଛନ୍ତି ଯେ, ଏହି ଲକ୍ଷ୍ୟ ପୂରଣ କରିବା ଦିଗରେ ବିଶ୍ୱ ସଠିକ୍ ପଥରେ ନାହିଁ । ଇଣ୍ଟରନ୍ୟାସନାଲ୍ ଏନର୍ଜି ଏଜେନ୍ସି (**IEA**) ର ୨୦୨୪ ରିପୋର୍ଟ ଅନୁଯାୟୀ, ଅକ୍ଷୟ ଶକ୍ତି ୨୦୩୦ ସୁଦ୍ଧା ୨୦୨୨ ସ୍ତରର ୨.୭ ଗୁଣକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, ଯାହା ତିନି ଗୁଣ ଲକ୍ଷ୍ୟଠାରୁ କମ୍ । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ଅକ୍ଷୟ ଶକ୍ତିର ଅଭିବୃଦ୍ଧି ହାର ଯଥେଷ୍ଟ ନୁହେଁ ଏବଂ ଜୀବାଶ୍ମ ଇନ୍ଧନର ବ୍ୟବହାର ଏହାର ସକାରାତ୍ମକ ପ୍ରଭାବକୁ ଢାଙ୍କି ଦେଉଛି ।

୨୦୨୪ ମସିହା ରେକର୍ଡରେ ସବୁଠାରୁ ଉତ୍ତପ୍ତ ବର୍ଷ ଭାବରେ ପରିଗଣିତ ହୋଇଛି, ଯେଉଁଥିରେ ବିଶ୍ୱ ତାପମାତ୍ରା ପ୍ରାକ୍-ଶିଳ୍ପ ଯୁଗର ୧.୫ ଡିଗ୍ରୀ ସେଲସିୟସ୍ ଉପରେ ରହିଛି । ଏହା ଜଳବାୟୁ ପରିବର୍ତ୍ତନର ଗମ୍ଭୀରତାକୁ ଦର୍ଶାଉଛି । **IEA** ର ତଥ୍ୟ ଅନୁଯାୟୀ, ଶକ୍ତି ସମ୍ବନ୍ଧୀୟ **CO୨** ନିର୍ଗମନ ୨୦୨୪ରେ ୦.୮ ପ୍ରତିଶତ ବୃଦ୍ଧି ପାଇ ୩୭.୮ ଗିଗାଟନ୍‌ର ସର୍ବକାଳୀନ ଉଚ୍ଚ ସ୍ତରରେ ପହଞ୍ଚିଛି । ଯଦିଓ ସୌର ଚଠ, ପବନ, ପରମାଣୁ, ବୈଦ୍ୟୁତିକ ଯାନ ଏବଂ ହିଟ୍ ପମ୍ପ ଭଳି ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବୃଦ୍ଧି ପାଇଛି, ଯାହା ବାର୍ଷିକ ପ୍ରାୟ ୨.୬ ବିଲିୟନ ଟନ୍ **CO୨** ନିର୍ଗମନକୁ ରୋକିଛି (ବିଶ୍ୱ ନିର୍ଗମନର ୭ ପ୍ରତିଶତ), ତଥାପି ଜୀବାଶ୍ମ ଇନ୍ଧନର ବ୍ୟବହାର ଏହି ସକାରାତ୍ମକ ପ୍ରୟାସକୁ ନିଷ୍ଫଳ କରିଦେଉଛି । ଚୀନ୍‌ର ଶକ୍ତି କ୍ଷେତ୍ର ଏକ ଦ୍ୱୈତ ଚିତ୍ର ଉପସ୍ଥାପନ କରୁଛି, ଯେଉଁଠାରେ ଅକ୍ଷୟ ଶକ୍ତିର ଦ୍ରୁତ ଅଭିବୃଦ୍ଧି ସହିତ କୋଇଲା ଭିତ୍ତିକ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ମଧ୍ୟ ଦ୍ରୁତ ବିକାଶ ଘଟୁଛି । ୨୦୨୪ରେ ଚୀନ୍‌ର ମୋଟ ବିଦ୍ୟୁତ୍ ଉତ୍ପାଦନର ୫୮ ପ୍ରତିଶତ କୋଇଲାରୁ ଆସିଛି । ଭାରତରେ ମଧ୍ୟ କୋଇଲା ଚାହିଦା ୪ ପ୍ରତିଶତ ବୃଦ୍ଧି ପାଇଛି । ଏହି ଧାରା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ବିଶ୍ୱର ଅନେକ ଅଞ୍ଚଳରେ ଶକ୍ତି ଚାହିଦା ପୂରଣ କରିବା ପାଇଁ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ଏବେ ମଧ୍ୟ ଅପରିହାର୍ଯ୍ୟ ରହିଛି ।

ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ସବୁଜ ଶକ୍ତି ଉତ୍ସଗୁଡ଼ିକୁ ବ୍ୟାପକ ଭାବରେ ଗ୍ରହଣ କରିବା ପାଇଁ ତୁରନ୍ତ ଏବଂ ଦୃଢ଼ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ । ଯଦି ଏହି ଧାରା ଜାରି ରହେ, ତେବେ ୨୦୫୦ ସୁଦ୍ଧା ନେଟ୍-ଜିରୋ ନିର୍ଗମନର ଲକ୍ଷ୍ୟ କେବଳ ଏକ ସ୍ୱପ୍ନ ହୋଇ ରହିଯିବ । ଏନର୍ଜି ଇନଷ୍ଟିଚ୍ୟୁଟ୍‌ର ରୋମେନ୍ ଡେବାରେ କହିଛନ୍ତି ଯେ, 'ବିଶ୍ୱ ଶକ୍ତି ପାଇଁ ଗତ ବର୍ଷ ଏକ ଭିନ୍ନ ପ୍ରକାରର ଥିଲା, ଯାହା ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଦ୍ୱାରା ପ୍ରଭାବିତ ହୋଇଥିଲା ।' **KPMG** ର ୱାଫା ଜାଫ୍ରି ମଧ୍ୟ କହିଛନ୍ତି ଯେ, "**COP28 2030** ସୁଦ୍ଧା ବିଶ୍ୱବ୍ୟାପୀ ଅକ୍ଷୟ ଶକ୍ତିକୁ ତିନି ଗୁଣ କରିବା ପାଇଁ ଏକ ସାହସିକ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା, କିନ୍ତୁ ପ୍ରଗତି ଅସମାନ ରହିଛି ଏବଂ ବିଶ୍ୱବ୍ୟାପୀ ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ଆମେ ଆବଶ୍ୟକ ଗତିରେ ନାହୁଁ ।' ଏହି ବାସ୍ତବତାକୁ ହୃଦୟଙ୍ଗମ କରି ବିଭିନ୍ନ ଦେଶର ସରକାର, ଶିଳ୍ପ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କୁ ଏହି ଗୁରୁତର ସମସ୍ୟାର ସମାଧାନ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ, ନଚେତ୍ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ଅପରିହାର୍ଯ୍ୟ ହୋଇପଡ଼ିବ ।

# ରଥରେ ଛେରାପହଁରା ବିଧି



ପଣ୍ଡିତ ଦୈତ୍ୟାରି ମହାପାତ୍ର

ପାରମ୍ପରିକ ପ୍ରଥା ଅନୁସାରେ ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ସାର୍ବଜନୀନ ରଥଯାତ୍ରା ବିଧିବିଧାନର ସହିତ ପାଳନ କରାଯାଏ । ଗଜପତି ମହାରାଜା ଏହି ରଥଯାତ୍ରାରେ ରଥସେବା ଓ ଛେରାପହଁରା କାର୍ଯ୍ୟ କରିଥାଆନ୍ତି । ଏହି କାର୍ଯ୍ୟ ଅତ୍ୟନ୍ତ ଜନପ୍ରୀୟ ଏବଂ ଚେତନାଦ୍ୱିତକ । କାଳିଆ ପାଖରେ ଜାତି ଅଜାତି, ଛୋଟ ବଡ଼ର ବାଛବିଚାର ନାହିଁ । ଜଣେ ରାଜା ହୋଇ ଝାଡୁମାରି ଜଣେ ଶ୍ରେଷ୍ଠ ସେବକ ରୂପେ ସୂଚାଇ ଦେଉଛନ୍ତି । ଏଥିରୁ ଆମେମାନେ ଅନୁମେୟ ହେବା ଯେ, ଆମେମାନେ ସମସ୍ତେ ହେଉଛନ୍ତି ମହାପ୍ରଭୁଙ୍କର ଜଣେ ଜଣେ ସେବକ । ଯେପରି ରାଜାଙ୍କ ପାଖରେ ନଥାଏ ଗର୍ବ, ନଥାଏ ଅହଂକାର, ନଥାଏ ସ୍ୱାଭିମାନ । ସେହିଭଳି ପ୍ରତ୍ୟେକ ମନୁଷ୍ୟ ପାଖରେ ଗର୍ବ, ଅହଂକାର ଓ ସ୍ୱାଭିମାନ ରହିବା ଅନୁଚିତ । ରଥଯାତ୍ରା ଦିନ ସ୍ୱୟଂ ଗଜପତି ମହାରାଜା ବିଧିବିଧାନର ସହିତ ରଥସେବା କରିଥାଆନ୍ତି । ଏହି ଦିନ ସକାଳେ ଗଜପତି ମହାରାଜା ତାଙ୍କ ରାଜନଅର ମଧ୍ୟରେ ଥିବା ଦେବାର୍ଚ୍ଚନ କକ୍ଷରେ କନକ ଦୁର୍ଗା, ବିଷ୍ଣୁ, ଶିବ, ଗଣେଶ, ସୂର୍ଯ୍ୟ ଆଦି ପଞ୍ଚ ଇଷ୍ଟ ଦେବତାଙ୍କୁ ରାଜଗୁରୁଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା, ମଙ୍ଗଳାର୍ପଣ କରିଥାଆନ୍ତି । ଏହା କରିସାରିବା ପରେ ସେ ଛେରାପହଁରା କରିବା ପାଇଁ ରଥ ଉପରକୁ ଯିବା ନିମିତ୍ତ ପ୍ରସ୍ତୁତି ହୋଇଥାଆନ୍ତି ।

ରଥଯାତ୍ରା ଦିନ ଗଜପତି ମହାରାଜା ବ୍ରତ ଉପାସନା କରି ଛେରାପହଁରା କାର୍ଯ୍ୟ ବିଧି ପୂର୍ବକ ସମାପନ କରି ହବିଷ୍ୟାନ୍ନ ଗ୍ରହଣ କରିଥାଆନ୍ତି । ଶ୍ରୀ ନଅରର ସେବାୟତ, ବାରିକ ଓ ମାପିସ୍ତୀ (ଦରଜି) ଗଜପତିଙ୍କୁ ରଥ ସେବକର ପୋଷାକ ପରିଧାନ କରାଇ ଥାଆନ୍ତି । ଗଜପତିଙ୍କର ମସ୍ତକରେ ଥିବା ପାଗ ଟିକୁ ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ଧଳା ପାଟବସ୍ତ୍ର ଗୁଡ଼ାଇ ପ୍ରସ୍ତୁତି କରିଥାଆନ୍ତି । କୁର୍ତ୍ତା, ଚୁଡ଼ିଦାର ପରିଧାନ କରି ନୀଳ କମରପଟି, ନାଲି ପଇତା ପଟି ପକାଇ, କମରରେ ଖଣ୍ଡା ଝୁଲାଇ, ମସ୍ତକରେ ପାଗ ରଖି ଛେରାପହଁରା କାର୍ଯ୍ୟ କରିବାକୁ ଯାଆନ୍ତି ।

ଚାରି ଠାକୁର ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏବଂ ସୁଦର୍ଶନ ରଥକୁ ବିଜେ କରିବା ପରେ ସେମାନଙ୍କୁ ରୁନ୍ଧାକରି ବେଶ କରାଯାଏ । ତାପରେ ମାଳଚୂଳ ଲାଗି ହେବା ପରେ ଛେରାପହଁରା କାର୍ଯ୍ୟ ଆରମ୍ଭ ହୋଇଥାଏ । ଚାରି ଠାକୁର ରଥ ଉପରକୁ ବିଜେ କଲା ପରେ ମଦନ ମୋହନଙ୍କ ଆଗମନ ହୁଏ । ତା'ପରେ ଶ୍ରୀମନ୍ଦିର ପକ୍ଷରୁ ଠାକୁରଙ୍କ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇ ଛେରାପହଁରା ନିମିତ୍ତ ଗଜପତିଙ୍କୁ ଆମନ୍ତ୍ରଣ କରାଯାଏ ।

ରଥ ଉପରେ ଠାକୁରଙ୍କ ସେବା କରିବା ପାଇଁ ବିଧି ଅନୁସାରେ ନିର୍ଦ୍ଦିଷ୍ଟ ସେବକ ରହିଥାଆନ୍ତି । ସେମାନେ ହେଲେ ୧- ଦକ୍ଷିଣ ଦ୍ୱାର ପାଳିଆ ପ୍ରତିହାରୀ, ୨- ସୁଆର ବଡୁ, ୩- ମୁଦୁଲି, ୪- ସୁଧସୁଆର, ୫- ମୁଦିରଥ, ୬- ପଣ୍ଡା. ୭- ପତିମହାପାତ୍ର, ୮- ଦଇତାପତି, ୯- ପାଳିଆ ଖୁଣ୍ଟିଆ, ୧୦- ଚାଙ୍ଗଡା ମେକାପ, ୧୧- ବିମାନବଡୁ, ୧୨- ଘଣ୍ଟୁଆ, ୧୩- ଛତ୍ରଧାରୀ, ୧୪- କାହାଳିଆ, ୧୫- ବାଜାଦଳ, ୧୬- ବଣିଆ, ୧୭- ପୁରୀ ଗଜପତି ମହାରାଜା, ୧୮- ଲେଙ୍କା, ୧୯- ପାଇକ ଏବଂ ୨୦- କୋଠ ମୁହାଁସିଆ ।

'ଛେରା' ଅର୍ଥ ବହଳିଆ ଘୋରା ଚନ୍ଦନ ଏବଂ 'ପହଁରା' ଅର୍ଥ ପହଁରିବା ବା ଓଳାଇବା । ଶ୍ରୀଜଗନ୍ନାଥଙ୍କ ପ୍ରଧାନ ସେବକ ଚଳନ୍ତି ପ୍ରତିମା ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର ବିରାଧୀ ବୀରବର ମହାପ୍ରତାପି ଶ୍ରୀ ଶ୍ରୀ ଗଜପତି ସ୍ୱୟଂ ଅହଂକାର ମୁକ୍ତ ହୋଇ ସମାର୍ଜନି ହସ୍ତରେ ରଥ ସମାର୍ଜନ କରି ରଥ ଚାରି ପାଖରେ ଚନ୍ଦନ ଓ କର୍ପୁର ଜଳ ସିଞ୍ଚନ କରିଥାଆନ୍ତି । ଏହାକୁ ଛେରା ପହଁରା କୁହାଯାଏ । ପ୍ରବଳ ଜନଗହଳି ମଧ୍ୟରେ ସୁସଜ୍ଜିତ ରୌପ୍ୟ ତାମ୍ରଜାନ ଉପରେ ବସି ଗଜପତି ମହାରାଜା ଛେରାପହଁରା ନିମିତ୍ତ ଶ୍ରୀନଅରରୁ ରଥ ନିକଟକୁ ଆସିଥାଆନ୍ତି । ରଥ ନିକଟକୁ ଆଗମନ ସମୟରେ ମହାରାଜାଙ୍କ ସମ୍ମୁଖରେ ପାଟ ହସ୍ତି ଚାଲିଥାଏ ଏବଂ ଦୁଇ ପାର୍ଶ୍ୱରେ କଳାଧଳା ଛତି ରହିଥାଏ । ଗଜପତିଙ୍କ ସହିତ ଶ୍ରୀନଅରର ତିନି ପରିଛା, ରାଜଗୁରୁ, ରାୟଗୁରୁ, ବେହେରା କରଣ, ଥାଟରାଜା, କୁମାର ସାହେବ, ଦୟଣାମାଳି, ଭଣ୍ଡାର ମେକାପ, ଗଟୁଆରୀ, ଗରାବଡୁ, ଚିତ୍ରକାର, ଯାତ୍ରା ଯୋଗାଣିଆ, ପତ୍ରିବଡୁ, ତଳିଛ ମହାପାତ୍ର, ପଶୁପାଳକ, ଲୋଭ, ଦଇତାପତି ଏବଂ ମୁଦିରଥ ପ୍ରଭୃତି ସେବକମାନେ ରଥ ଉପରକୁ ଆସିଥାଆନ୍ତି । ମହାରାଜ ରାଜକୀୟ ବେଶରେ ରାଜକର୍ମଚାରୀମାନଙ୍କ ଗହଣରେ ରୌପ୍ୟ ଖଚିତ ତାମ୍ରଯାନରେ ଯାତ୍ରା କରୁଥିବା ସମୟରେ ବଡ଼ଦାଣ୍ଡରେ ହରିବୋଲ, ହୁଳହୁଳି ଓ ଘଣ୍ଟଘଣ୍ଟାର ନାଦରେ ଗଗନପବନ ମୁଖରିତ ହୋଇଉଠେ ।

ମହାରାଜା ତାମ୍ରଯାନରୁ ଓହ୍ଲାଇ ପ୍ରଥମେ ବଡ଼ଠାକୁର 'ତାଳଧ୍ୱଜ' ରଥକୁ ବିଜେ କରିଥାଆନ୍ତି । ବଳଭଦ୍ରଙ୍କୁ ନିଉଛାଳି ଦେଇ ଧଳା ବସ୍ତ୍ର ପ୍ରଦାନ କରି ଠାକୁରଙ୍କୁ ମାଳଚୂଳ ଲାଗିକରି ପୁଷ୍ପାଞ୍ଜଳି, କର୍ପୂର ଆଳତି, ଚାମର ସେବା, ଆଲଟ ସେବା ଏବଂ ରାଜନୀତି ବନ୍ଦାପନା କରିଥାଆନ୍ତି । ରାଜାଙ୍କର ଏହି ସେବାକୁ ରାଜନୀତି ସେବା ବୋଲି କୁହାଯାଏ । ରଥ ଉପରେ ଉପସ୍ଥିତ ମୁଦୁଲି ଏବଂ ଭଣ୍ଡାର ପେକାପଙ୍କ ଠାରୁ ଚନ୍ଦନ ଜଳ ଏବଂ ପୁଷ୍ପ ଗ୍ରହଣ କରି ଗଜପତି ମହାରାଜ ଡାହାଣରୁ ବାମକୁ ତିନିଥର ବେମା ପରିକ୍ରମା କରିଥାଆନ୍ତି । ଶ୍ରୀମନ୍ଦିର ଭଣ୍ଡାର ଗୃହ ମଧ୍ୟରୁ ଦାୟିତ୍ୱରେ ଥିବା ଭଣ୍ଡାର ମେକାପ ସ୍ୱର୍ଣ୍ଣ ମାର୍ଜିତ ସଂଗ୍ରହ କରି ରଥ ଉପରେ ଛେରାପହଁରା ପାଇଁ ଥିବା ଗଜପତିଙ୍କ ହସ୍ତକୁ ବଢ଼ାଇ ଦେଇଥାଆନ୍ତି । ନାରୀକେଳ ପତ୍ର ଖଡ଼ିକାରେ ନିର୍ମିତ ଏହି ଝାଡୁର ମୁଠା ଧରିବା ଅଂଶଟି ସୁବର୍ଣ୍ଣ ପାତ୍ରରେ ଆଚ୍ଛାଦିତ ହୋଇଥାଏ । ଗଜପତି ଏହିପରି ବିଧିବିଧାନର ସହିତ ତିନି ରଥରେ ଛେରା ପହଁରା କରି ତିନିଥର ଲେଖାଏଁ ବେଢ଼ା ପରିକ୍ରମା କରି ଛେରାପହଁରା କାର୍ଯ୍ୟ ସମାପନ କରିଥାଆନ୍ତି । ତାପରେ ଗଜପତି ମହାରାଜା ବିଶ୍ୱର ମଙ୍ଗଳପାଇଁ ଶ୍ରୀଜୀଉଙ୍କ ନିକଟରେ ପ୍ରଣାମ ଜଣାଇ ରଥରୁ ବିଦାୟ ନେଇଥାଆନ୍ତି । ଠିକ୍ ଏହି ସମୟରେ ରଥରେ ଥିବା ସେବାୟତ ମାନଙ୍କ ପକ୍ଷରୁ ଠାକୁରଙ୍କ ମାଳ, ପ୍ରସାଦ ଏବଂ ଶ୍ରୀକପଡ଼ା ତାଙ୍କୁ ଅର୍ପଣ କରିଥାଆନ୍ତି ।

ରଥଯାତ୍ରାର ଜାତୀୟ ପରମ୍ପରା ସ୍ୱତନ୍ତ୍ର । ମହାରାଜା ମଧ୍ୟ ସାର୍ବଭୌମ କ୍ଷମତାର ଅଧିକାରୀ ହୋଇ ମଧ୍ୟ ଜଣେ ସେବକ ଭାବରେ ଯେଉଁଭଳି ଛେରା ପହଁରା କରନ୍ତି, ଏଥିରେ ସ୍ୱତନ୍ତ୍ର ଭାବେ ପରିସ୍ଫୁଟ ହୁଏ ଭଗବାନଙ୍କ ନିକଟରେ ପ୍ରତ୍ୟେକ ମନୁଷ୍ୟ ସେବକ ମାତ୍ର ।


ଗୁଣ୍ଡିଚା ମନ୍ଦିରରେ ବାହୁଡ଼ା ଦିନ ଶ୍ରୀଜୀଉମାନେ ରଥ ଉପରେ ବିଜେ କରିବା ସମୟରେ ଗଜପତି ମହାରାଜା ଅନୁରୂପ ବିଧିବିଧାନ ଅନୁସାରେ ଛେରାପହଁରା କରି ଶ୍ରୀନଅରକୁ ଫେରି ଆସନ୍ତି । ତାପରେ ଲକ୍ଷ୍ମୀ ନାରାୟଣ ଭେଟ ପାଇଁ ସେ ପ୍ରସ୍ତୁତ ହୁଅନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ରଥ ଶ୍ରୀନଅର ଠାରେ ପହଁଞ୍ଚି ଅଟକି ରହିବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ସେଠାକୁ ବିଜେ କରାଯାଇଥାଏ । ଭିତରଛୁ ମହାପାତ୍ର, ପତି ମହାପାତ୍ର ଏବଂ ରାଜଗୁରୁଙ୍କ ସହାୟତାରେ ପନ୍ତିଭୋଗ ପରେ ସ୍ୱୟଂ ଗଜପତି ଲକ୍ଷ୍ମୀ ପ୍ରତିମାକୁ ମହାପ୍ରଭୁଙ୍କ ରଥ ଚତୁପାର୍ଶ୍ୱରେ ପରିକ୍ରମା କରାଇଥାଆନ୍ତି । ତା' ପରେ ନିଜ ହସ୍ତରେ ଟେକିରଖି ରଥ ସମ୍ମୁଖରେ ଭେଟ କରାଇଥାଆନ୍ତି । ଏହାକୁ ଲକ୍ଷ୍ମୀ ନାରାୟଣ ଭେଟ କୁହାଯାଏ । ସେହିପରି ହେରା ପଞ୍ଚମୀ ତିଥିରେ ମଧ୍ୟ ଗଜପତିଙ୍କ ସହଧର୍ମୀଣୀ ମହାରାଣୀଙ୍କ ଦ୍ୱାରା ତାଙ୍କର ହାତଛୁଆଁ ତିନିଖଣ୍ଡ ଶାଢ଼ୀ ମହାଲକ୍ଷ୍ମୀଙ୍କୁ ଅର୍ପଣ କରାଯାଇଥାଏ । ଏହି ବିଧିବିଧାନ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇ ଆସୁଅଛି ।

ଇତିହାସ କହେ, କପିଳେନ୍ଦ୍ରଦେବଙ୍କ ସମୟରୁ ଛେରାପହଁରା ଉତ୍ସବ ପାଳିତ ହୋଇ ଆସୁଅଛି । ପରବର୍ତ୍ତୀ ସମୟରେ ପୁରୁଷୋତ୍ତମ ଦେବଙ୍କ କାଞ୍ଚିଅଭିଯାନ ପ୍ରସଙ୍ଗଟି ଛେରାପହଁରା ଉତ୍ସବ ସହିତ ସମ୍ପୃକ୍ତ । ଉତ୍କଳ ଗଜପତି ପୁରୁଷୋତ୍ତମ ଦେବ ଯୁଦ୍ଧରେ କାଞ୍ଚିରାଜାଙ୍କ ଠାରୁ ପରାସ୍ତ ହୋଇ ପଳାଇ ଆସିବା ପରେ ସେ ଶ୍ରୀଜଗନ୍ନାଥଙ୍କ ନିକଟରେ ଶରଣାପନ୍ନ ହୋଇଥିଲେ ଏବଂ ମହାପ୍ରଭୁଙ୍କ ଠାରୁ ଆଶୀର୍ବାଦ ନେଇ ସେ ପୁନର୍ବାର ଯୁଦ୍ଧକୁ ଅଗ୍ରସର ହୋଇଥିଲେ । ଠିକ୍ ସେହି ସମୟରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର କଳାଧଳା ଘୋଡ଼ାରେ ଚଢ଼ି ଉତ୍କଳର ଗଜପତିଙ୍କ ସପକ୍ଷରେ ଯୁଦ୍ଧ କରିବାରୁ କାଞ୍ଚିରାଜା ପରାସ୍ତ ହୋଇଥିଲେ । ଯାହା ମାଦଳା ପାଞ୍ଜିରେ ସ୍ୱତନ୍ତ୍ର ଭାବେ ବର୍ଣ୍ଣନା କରାଯାଇଅଛି ।

ପୁରୁଷୋତ୍ତମ ଦେବ ରାଜା ହେବା ପରେ କାଞ୍ଚିରାଜାଙ୍କ କନ୍ୟା ପଦ୍ମାବତୀଙ୍କୁ ବିବାହ କରିବା ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ । ଏହି ସମୟ ଥିଲା ଗୁଣ୍ଡିଚା ଯାତ୍ରାର ସମୟ । ରାଜା ଗଜପତି ରଥଯାତ୍ରା ପୂର୍ବରୁ ଝାଡୁଧରି ରାଜରାସ୍ତା ସଫା କରୁଥିବାର ଦେଖି ତାଙ୍କ କନ୍ୟାକୁ ଏକ ମେହନ୍ତର ସହିତ ବିବାହ ଦେବେ ନାହିଁ ବୋଲି ସ୍ଥିର କଲେ ଏବଂ ଫେରି ଆସିଲେ । ମାତ୍ର କାଞ୍ଚିରାଜା ପରାସ୍ତ ହେବା ପରେ କାଞ୍ଚିର ରାଜଜେମା ପଦ୍ମାବତୀଙ୍କୁ ଚଣ୍ଡାଳ ହସ୍ତରେ ଅର୍ପଣ କରିବା ପାଇଁ ସ୍ଥିର କଲେ । ମାତ୍ର ରାଜାଙ୍କ ମନ୍ତ୍ରୀ ରଥଯାତ୍ରା ଦିନ ରାଜା ଛେରାପହଁରା କାର୍ଯ୍ୟ ସମାପନ କରିବା ସମୟରେ ସେ ତାଙ୍କ ସହିତ ପଦ୍ମାବତୀଙ୍କୁ ବିଧିବିଧାନର ସହିତ ବିବାହ କରାଇ ଦେଇଥିଲେ ।


ଛେରାପହଁରା ପ୍ରସଙ୍ଗରେ ଶ୍ରୀଜଗନ୍ନାଥ ସଂସ୍କୃତିର ପୃଷ୍ଠାରେ ସ୍ୱତନ୍ତ୍ର ଭାବେ ଲିପିବଦ୍ଧ ହୋଇ ରହିଛି । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମନୁଷ୍ୟ ମହାପ୍ରଭୁଙ୍କର, ମହାପ୍ରଭୁ ମଧ୍ୟ ସମସ୍ତଙ୍କର । ଶ୍ରୀଜଗନ୍ନାଥଙ୍କର ସେବାରେ ଆମେମାନେ ସମସ୍ତେ ନିଜକୁ ନିୟୋଜିତ କରିପାରିଲେ ଜୀବନ ଧନ୍ୟ ହେବ ।

+ଓଡ଼ିଆ ଭାଷା ସାହିତ୍ୟ ଗବେଷକ
ଭଦ୍ରକ, ଓଡ଼ିଶା
ମୋ-୮୭୬୩୫୪୮୨୦୨




## ରଥଯାତ୍ରା....

ସାଇପ୍ରସାଦ ସାହୁ



କର୍ପୁର ଚନ୍ଦନ ସାଇତି ରଖିଛି କାଳିଆ
ଲଗେଇବି ମୁଁ ତୋ ଶ୍ରୀଅଙ୍ଗେ,
କେବେ ଯେ ଆସିବ ରଙ୍ଗହୋରି ପର୍ବ
ଖେଳିବୁ ତୁ ଅବିର ରଙ୍ଗେ ।

ବରଷକେ ଥରେ ଆସେ ତୋ
ରଥଯାତରା
ଦେଖିବାକୁ ତରସେ ମୋ ନେତ୍ର,
ଜୀବନ ଜଞ୍ଜାଳ ଏକ ଜଟିଳ ଗଣିତ
ନାମ ତୋର ସମାଧାନର ସରଳସୂତ୍ର ।

ନାହିଁ ତୋ ଯଶୋଦା ମାଆ ଯେ
ଏଠାରେ
କରିବ ସେ ତତେ ଆକଟ,
ମନବୋଧ କରି ଗାଧୋଇଲୁ ତୁ ଯେ
ତୋ ଜରଜ୍ୱାଳା କଲା ପରିସ୍ଥିତି
ଉତ୍କଟ ।

ତୋ ପାଇଁ କାଳିଆ ଜୀବନେ
ମୋହର
ଗ୍ରାସକରେ ନାହିଁ ସତେ ଦୁଶ୍ଚିନ୍ତା,
ତୁ ଯେବେ ଅଛୁ ସାଥିରେ ମୋହର
ମନେ ନାହିଁ ଆଉ କିଛି
ବେଦନାବ୍ୟଥା ।

+ସିନ୍ଧେକେଲା, ବଲାଙ୍ଗୀର
ମୋ: ୯୯୩୭୦୩୪୭୪୨

## ରଥଯାତ୍ରା

ସଦାଶିବ ବିଶ୍ୱାଳ



ଶ୍ରୀମନ୍ଦିରେ ସିନା କାଳିଆ ରହୁଛି
ପଟା ପଦ୍ମାଳୟା ନାମେ,
ଭାଇ ଓ ଭଉଣୀ ସାଥିରେ ରହନ୍ତି
ଶ୍ରୀକ୍ଷେତ୍ରେ ଯାତରା ଜମେ

ବାର ମାସେ ତେର ଯାତରା ହୁଅଇ
ଭକତ ମାନଙ୍କୁ ନେଇ,
ବିନା ଭକତରେ ଯାତ୍ରା ଜମେ ନାହିଁ
ଜଗା ମନ ଲାଗେ ନାହିଁ

ସାରା ବର୍ଷ ତା'ର ଭକ୍ତ ସାଥେ କଟେ
ସକାଳୁ ଉଠିବାଠାରୁ,
ପତିତଜନ ଯେ ରହନ୍ତି ଦୂରେଇ
ଦରଶନ ପାଇବାରୁ

ସ୍ନାହାନ ପୂର୍ଣ୍ଣିମା ହାଳିରେ ଯାଇଛି
ଶରୀରେ ରହିଛି ପୀଡା,
ପୀଡ଼ାର ପ୍ରଭାବେ ମନ ହନ୍ତସନ୍ତ
ମାଉସୀ ହୁଅନ୍ତି ଲୋଡ଼ା

ବରଷକେ ଥରେ ମନ୍ଦିରୁ କାଳିଆ
ଆନନ୍ଦେ ଗୋଡ଼ କାଢ଼ଇ,
ରଥରେ ବସିଣ ଦର୍ଶନ ଦିଅଇ
ସାଥିରେ ଭଉଣୀ ଭାଇ

ମାଉସୀ ଘରକୁ ବୁଲି ବାହାରନ୍ତି
ତିନି ରଥ ନେଇ ସାଥେ,
ଆଗେ ବଳଭଦ୍ର ମଝିରେ ସୁଭଦ୍ରା
ପଛରେ କାଳିଆ ରଥେ

ତିନି ନୂଆ ରଥ ତୟାର ହୁଅଇ
ଅକ୍ଷୟ ତୃତୀୟା ଠାରୁ,
ନାମ ନନ୍ଦିଘୋଷ ଦରପ ଦଳନ
ତାଳଧ୍ୱଜ କହିପାରୁ

ନେତର ଉତ୍ସବ ସମାପନ ପରେ
ଜଗା ବଡ଼ ଉତ୍ସାହିତ,
ବଡ଼ ଦାଣ୍ଡେ ରଥ ଗଡିବ ତାଙ୍କର
ଭକତେ ହୋଇବ ଭେଟ

ଆଜି ଆସିଗଲା ଆଷାଢ଼ ଦ୍ୱିତୀୟା
ବଡଦାଣ୍ଡ ମୁଖରିତ,
କାଳିଆ ସାଆନ୍ତ ଶ୍ରୀମନ୍ଦିରୁ ଆସି
ଭକତେ ଦେବେ ସାକ୍ଷାତ

ବାଟରେ ପଡିବ ସାଲବେଗ ପୀଠ
କ୍ଷଣେ ଅଟକିବ ରଥ,
ଯବନ ଭକ୍ତକୁ ମନେ ପକାଇଣ
ଆଗେ ମାପିନେବେ ପଥ

ବଡ଼ଗଣ୍ଡିଠାରୁ ରଥ ନ ଗଡିବ
କ୍ଷଣେ ନିଶ୍ଚେ ରହିଯିବ,
ବଳରାମ ଦାସ ସ୍ତୁତିପଟେ ଆଣି
ଭକ୍ତ ମନ ମୋହିନେବ

ଭକ୍ତ ଭିଡ଼ ଦେଖି ଜଗା ଉତ୍ସାହିତ
ଚକ୍ଷୁ ରଖିକରି ମେଲା,
ଭକତ ଜନଙ୍କୁ ଦର୍ଶନ କରନ୍ତି
ଭକ୍ତଜନେ ଠେଲାପେଲା

ଶ୍ରୀମନ୍ଦିର କର୍ତ୍ତୀ ମନ୍ଦିରେ ରହନ୍ତି
ମନରେ ରଖିଣ ରାଗ,
ସଠିକ ସମୟ ଅପେକ୍ଷାରେ ଥା'ନ୍ତି
ସେ ହେରାପଞ୍ଚମୀ ଯୋଗ

ହେରା ପଞ୍ଚମୀରେ ମନ୍ଦିରୁ ବାହାର
ରାଗ ତମ ତମ ହୋଇ,
ବାହାରି ଯାଆନ୍ତି ପାଲିଙ୍କିରେ ବସି
ଜଗାକୁ ଭେଟିବା ପାଇଁ

ନନ୍ଦିଘୋଷ ରଥେ ନ ଦେଖି କାଳିଆ
ଭାଙ୍ଗିଦେଇ ରଥ ଚକ,
ଭାଇ ଭଉଣୀଙ୍କୁ ଅପେକ୍ଷା କରନ୍ତି
ଯାତ୍ରାରୁ ଫେରିବା ଯାକ

ଆଡପ ମଣ୍ଡପ ଲୀଳାଖେଳା ସରେ
ମନେ ପଡେ ଶ୍ରୀମନ୍ଦିର,
ବାହୁଡ଼ା ଯାତରା କରଇ କାଳିଆ
ସାଥେ ରସଗୋଲା ଭାର

ଫେରିବା ବାଟରେ ପୋଡପିଠା
ଖାଇ
ଆନନ୍ଦ ବଡ଼ ଠାକୁର,
କମଳା ମାଆର ମୁଖେ ରସଗୋଲା
ଦେଇ କରନ୍ତି ହୁନ୍ଦର

ସେ ମାନ ଭଞ୍ଜନ ହୁଏ କମଳାର
ଶ୍ରୀମନ୍ଦିର ହୁଏ ଖୋଲା,
ଭଉଣୀ ଭାଇକୁ ସାଥେ ନେଇ ଜଗା
ପୁଣି ଲୀଳା ଆରମ୍ଭିଲା ।

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର
ଅଙ୍ଗାରୁଆ, ଜିଲ୍ଲା - କେଉଁଝର

# ରଥଯାତ୍ରା ବିଶେଷାଙ୍କ



ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ଶୁକ୍ରବାର,୨୭ ଜୁନ୍, ୨୦୨୫



## କାଳିଆର ରଥ ଯାତ

### ଜୟକୃଷ୍ଣ ସାହୁ

ସବୁ ବର୍ଷ ପରି ଏ ବର୍ଷ ହୋଇବ
କାଳିଆର ରଥଯାତ
ବଡ଼ଦାଣ୍ଡେ ଗଡ଼ି ଚାଲିବ ସରାଗେ
ତିନି ଦିଅଁଙ୍କର ରଥ
ତାଳଧ୍ୱଜେ ବଡ଼ଭାଇ ବସିଥିବେ
ନନ୍ଦିଘୋଷେ ସାନଭାଇ
ଦେବଦଳନରେ ଭଉଣୀ ସୁଭଦ୍ରା
ସାକ୍ଷାତେ ହଳଦୀମୁହିଁ।

ଭକ୍ତ ଭଗବାନଙ୍କର ମିଳନରେ
ସକଳେ ହୋଇବେ ଖୁସି
ଖୁସି ହେଉଥିବି ମୁଁ ବେଶୀ, ମୋର
ବାପାଙ୍କ କାନ୍ଧରେ ବସି।

ଘିଡ଼ି ଘିଡ଼ି ହୋଇ ଗଡ଼ି ଯାଉଥିବ
ଶରଧାବାଲିରେ ରଥ
ଭକତ ମୁଖରୁ ବାଣୀ ଶୁଭୁ ଥିବ
'ଜୟ ପ୍ରଭୁ ଜଗନ୍ନାଥ'।

ଦେଶ ବିଦେଶରୁ ଆସିଥିବେ ଭକ୍ତ
କାଳିଆ ଦରର୍ଶନ ପାଇଁ
ବଡ ଦାଣ୍ଡେ ବଡ଼ ଭିଡ଼ ଲାଗିଥିବ
ଦେଖିଲେ ଜାଣିବ ଭାଇ।

ବୋଉ ମୋର ହାତ ଯୋଡ଼ି ବାର ବାର
ତା' ଦୁଃଖ ଜଣାଉଥିବ
'ମୋ ପିଲାଙ୍କୁ ତୁମେ ଭରସା ମଣିମା
ସଦା ସୁଖୀ ରଖୁଥିବ'।

ପ୍ରଭୁଙ୍କୁ ଦର୍ଶନ କରି,
ସାରା ପରିବାର ଘରକୁ ଫେରିବୁ
ରଥ ଭୋଗ ହାତେ ଧରି।

+କପିଳ ପ୍ରସାଦ,
ଭୁବନେଶ୍ୱର-୨

# ରଥ ପ୍ରତିଷ୍ଠା ଓ ଚତୁର୍ଦ୍ଧା ବିଗ୍ରହଙ୍କ ତିନିରଥ

### ତପନ କୁମାର ପାଳ

ରଥଯାତ୍ରା ଦିନ ମହାପ୍ରଭୁଙ୍କର ପ୍ରଥମ ନୀତି ହେଉଛି ରଥ ପ୍ରତିଷ୍ଠା। ପ୍ରଥମେ ସ୍ନାନ ମଣ୍ଡପ ପାଖରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ତିନିରଥର ପ୍ରତୀକଭାବେ କାଠରେ ତିଆରି ହୋଇଥିବା ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ। ବଳଭଦ୍ରଙ୍କ ରଥର ପ୍ରତୀକ ଭାବେ ନୃସିଂହ, ଜଗନ୍ନାଥଙ୍କ ରଥର ପ୍ରତୀକ ଭାବେ ହନୁମାନ ଓ ମାତା ସୁଭଦ୍ରାଙ୍କ ପ୍ରତୀକ ଭାବେ ଭୁବନେଶ୍ୱରୀଙ୍କୁ ହିଁ ରଥ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ। ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ, ରାଜାଙ୍କ ପ୍ରତିନିଧି ସ୍ୱରୂପ ରାଜଗୁରୁ ଓ ଶାସନୀ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥାଏ। ବନଜାଗ ପଦ୍ଧତିରେ ଏଠାରେ ପୂଜାର୍ଚ୍ଚନା ହୋଇ ନୃସିଂହଙ୍କୁ ଆହୁତି ଦିଆଯାଏ। ତାପରେ ଘଣ୍ଟି ଛତ୍ରୀ କାହାଣୀ ପଟୁଆରରେ ରଥକୁ ଆସନ୍ତି। ସଂସ୍କାର ଜଳକୁ ରଥରେ ସିଞ୍ଚନ କରି ଏହି ତିନି ମୂର୍ତ୍ତୀକୁ ରଥର ଚୂଡ଼ା ଦେଶରେ କୋଠ ସୁଆଁସିଆ ସେବକମାନେ ସ୍ଥାପନ କରିଥାନ୍ତି। ଏହିପରି ରଥ ପ୍ରତିଷ୍ଠା ହେବା ପରେ ହିଁ ମହାପ୍ରଭୁଙ୍କର ପହଣ୍ଡି କାର୍ଯ୍ୟକ୍ରମ ହୋଇଥାଏ।

ପଞ୍ଚଦେବତାଙ୍କୁ ପୂଜା - ରାଣୀଙ୍କ ପାଇଁ ଆସେ ପ୍ରସାଦ ମାଳା : ଛେରାପହଁରା ନୀତି କରିବା ପାଇଁ ମହାରାଜା ଗଜପତି ରଥଯାତ୍ରା ଦିନ ସକାଳୁ ଉପବାସରେ ରହିଥାନ୍ତି। ସେଦିନ ପ୍ରଥମେ ରାଜଗୁରୁ ରାଜାଙ୍କୁ ପଇତାଲାଗି କରାନ୍ତି। ଏହାପରେ ରାଜା ପଞ୍ଚଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ରାଜନଅରରେ ଥିବା କନକଦୁର୍ଗା ମନ୍ଦିରରେ ରାଜଗୁରୁଙ୍କ ଉପସ୍ଥିତିରେ ରାଜା ଏହି ପୂଜା କରନ୍ତି। ମଙ୍ଗଳାର୍ପଣ କରି ପୁଷ୍ପାଞ୍ଜଳୀ ଦେଇ ରାଜା ଛେରାପହଁରା ନୀତି ପାଇଁ ଅପେକ୍ଷା କରି ରହିଥାନ୍ତି। ସେପଟେ ରଥ ପ୍ରତିଷ୍ଠା ହୋଇ ରଥ ଉପରେ ମହାପ୍ରଭୁ ବିଜେ କରି ବେଶ ହେଲାପରେ ରାଜାଙ୍କ ପାଖକୁ ଖବର ଆସେ। ମନ୍ଦିରରୁ ବଜନ୍ତି କାହାଳିଆମାନେ ପଟୁଆରରେ ଯାଇ ରାଜାଙ୍କୁ ଛେରାପହଁରା ପାଇଁ ନିମନ୍ତ୍ରଣ କରିଥାନ୍ତି। ଛେରାପହଁରା ସେବା ନିମନ୍ତେ ରାଜାଙ୍କ ପାଇଁ ନଅରର ଦର୍ଜୀ ସ୍ୱତନ୍ତ୍ର ଭାବେ ଏକ ପ୍ରକାରର ଧଳା ପୋଷାକ କରିଥାନ୍ତି। ସେହି ପୋଷାକ ପିନ୍ଧି ରାଜା ବେଶ ହେଲାପରେ ଛେରାପହଁରା ନୀତି ପାଇଁ




ତାନ୍‌ଜାନରେ ବାହାରନ୍ତି। ରଥ ଉପରେ ରାଜାଙ୍କ ସହ ରାଜଗୁରୁ, ବେହେରା କରଣ, ନଅରର ଜ୍ୟୋତିଷ ଓ ପୁଷ୍ପାଳକ ଉପସ୍ଥିତ ରହିଥାନ୍ତି। ରଥରେ ଚନ୍ଦନ ପାଣିର ଛିଟା (ଛେରା) ଓ ପୁଷ୍ପାଳକ ଫୁଲ ସହିତ ଶିଖିଳା ଗୁଣ୍ଡ ଚନ୍ଦନ ପକାଇଥାନ୍ତି। ରାଜା ଏହାକୁ ଛେରାପହଁରା କରିଥାନ୍ତି। ପ୍ରତି ରଥରେ ତିନିଘେରା ଲେଖାଏଁ ଛେରାପହଁରା କରି ନୀତି ସମାପନ କରିଥାନ୍ତି। ଶେଷରେ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରି ରାଜା ନଅର ଅଭିମୁଖେ ବାହାରନ୍ତି। ତେବେ ଛେରା ପହଁରା ସରିଲେ ରଥ ଉପରେ ରାଜାଙ୍କୁ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା (ଅଙ୍ଗଲାଗି ବସ୍ତ୍ର) ଦିଆଯାଏ। ସେହିପରି ଆଉ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା ରାଣୀଙ୍କ ପାଇଁ ମଧ ଦିଆଯାଏ।

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପରମବ୍ରହ୍ମ ପରମାତ୍ମା ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ। ଶ୍ରୀମନ୍ଦିରରେ ବିରାଜମାନ କରି ମହାପ୍ରଭୁ ଭକ୍ତଙ୍କ ସହିତ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ଲୀଳାଖେଳା କରିଥାନ୍ତି। ମାନବଲୀଳା କରୁଥିବା ଦାରୁବିଗ୍ରହ ଏହି ସମୟରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ରତ୍ନସିଂହାସନ ଛାଡ଼ି ବର୍ଷକୁ ଥରେ ପ୍ରଭୁ ସୁଦର୍ଶନ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ତିନିରଥରେ ବସି ଚତୁର୍ଦ୍ଧା ବିଗ୍ରହ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦିଅନ୍ତି।

ସାଧାରଣତଃ ରଥ ତିନୋଟିର ଭିନ୍ନ ଭିନ୍ନ ନାମ ରହିଛି। ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଲଙ୍ଗଳ ଧ୍ୱଜ ବା ହଳଧ୍ୱଜ। ସେହିପରି ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ଚକ୍ରଧ୍ୱଜ ବା ଗରୁଡ଼ ଧ୍ୱଜ। ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ, ପଦ୍ମଧ୍ୱଜ ବା କମଳଧ୍ୱଜ। ତାଳଧ୍ୱଜ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୩୧ ଖଣ୍ଡ। ନନ୍ଦିଘୋଷ ୭୪୨ ଏବଂ ଦର୍ପଦଳନ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୧୧ ଖଣ୍ଡ। ତାଳଧ୍ୱଜ ରଥର ଉଚ୍ଚତା ୪୫ ଫୁଟ, ନନ୍ଦିଘୋଷ ୪୫ ଫୁଟ ୬ଇଞ୍ଚ ଏବଂ ଦର୍ପଦଳନ ରଥର ଉଚ୍ଚତା ୪୪ଫୁଟ ଇଞ୍ଚ। ତାଳଧ୍ୱଜ ରଥର ଚକ ସଂଖ୍ୟା ୧୪, ନନ୍ଦିଘୋଷ ୧୬ ଓ ଦର୍ପଦଳନର ଚକ ସଂଖ୍ୟା ୧୨। ତାଳଧ୍ୱଜ ରଥର ଅଧୀଶ୍ୱର ଦେବତା ଶ୍ରୀବଳଭଦ୍ର, ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ। ନନ୍ଦିଘୋଷ ରଥର ଅଧିଶ୍ୱର ଦେବତା ଶ୍ରୀଜଗନ୍ନାଥ ଓ ଚଳନ୍ତି ପ୍ରତିମା ମଦନମୋହନ। ଦର୍ପଦଳନ ରଥର ଅଧୀଶ୍ୱର ଦେବତା ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ। ତାଳଧ୍ୱଜ ରଥ ସାରଥିଙ୍କ ନାମ ମାତଳୀ, ନନ୍ଦିଘୋଷ ରଥ ସାରଥିଙ୍କ ନାମ ଦାରୁକ ଓ ଦର୍ପଦଳନ ରଥ ସାରଥିର ନାମ ଅର୍ଜୁନ। ତାଳଧ୍ୱଜ ରଥ ଦଉଡିର ନାମ ବାସୁକୀ, ନନ୍ଦିଘୋଷର ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ ଓ ଦେବୀ ସୁଭଦ୍ରାଙ୍କ ରଥ ଦଉଡିର ନାମ ସ୍ୱର୍ଣ୍ଣଚୂଡ଼ା ନାମକ ନାଗ। ବଡ଼ ଠାକୁରଙ୍କ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ। ନନ୍ଦିଘୋଷର ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ। ଦର୍ପଦଳନ ରଥ ଅଶ୍ୱଗୁଡ଼ିକ ହେଲେ ଗୋଚିକା, ମୋଚିକା, ଜିତା ଓ ଅପରାଜିତା। ତାଳଧ୍ୱଜ ରଥର ଦୁଇ ଶୁଆଙ୍କ ନାମ ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଜୀବ ଓ ପରମ ଏବଂ ଦର୍ପଦଳନ ରଥର ଦୁଇ ଶୁଆ ହେଲେ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ। ତାଳଧ୍ୱଜ ରଥ ଋଷିପଟାରେ ଥିବା ଋଷିମାନଙ୍କ ନାମ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ନନ୍ଦିଘୋଷ ରଥର ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ସେହିଭଳି ଦର୍ପଦଳନ ରଥ ଋଷିପଟାରେ ଥିବା ଋଷିମାନେ ହେଲେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ଋଷି ମଣ୍ଡଳ। ତାଳଧ୍ୱଜ ରଥର ଆବରଣ ଲୋହିତ ଓ ନୀଳ, ନନ୍ଦିଘୋଷ ରଥର ପୀତ ଓ ଲୋହିତ। ଦର୍ପଦଳନ ରଥର ଆବରଣ କୃଷ୍ଣ ଓ ଲୋହିତ ବର୍ଣ୍ଣ। ବଡ଼ଠାକୁରଙ୍କ ରଥର ନେତର ନାମ ଉନ୍ନନୀ, ମହାପ୍ରଭୁଙ୍କ ରଥ ନେତର ନାମ ତ୍ରୈଲୋକ୍ୟ ମୋହିନୀ ଓ ଦେବୀ ସୁଭଦ୍ରାଙ୍କ ରଥ ନେତର ନାମ ନାଦାମ୍ବିକା।

ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ-ଗୀତ, ଆମୋଦ-ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି। ଜୀବନ ହେଉଛି ଏକ ରଥଯାତ୍ରା। ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ। ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ। ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ।

+ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୭୩୩



## ଭକତ ବତ୍ସଳ ହରି...

### ରାମଚନ୍ଦ୍ର ବେହେରା

ଆଜି ପରା ପୂଣ୍ୟ ଗୁଣ୍ଡିଚା ଯାତରା
ହସୁଛି ଶିରୀ କ୍ଷେତର
ଭାଇ ଭଉଣୀଂକ ସାଥେ କଳାଦିଅଁ
ଯିବେ ମାଉସୀଂକ ଘର।

ସମଗ୍ର ବିଶ୍ୱରୁ ଛୁଟି ଆସିଛନ୍ତି
ଅଗଣିତ ଭକ୍ତଜନ
କଳା ସାଆନ୍ତଂକ ଦର୍ଶନ ନିମନ୍ତେ
ବ୍ୟାକୁଳ ସଭିଂକ ମନ।

ବଡଦାଣ୍ଡେ ଆଜି ଗହଳି ଚହଳି
ଶୁଭେ ଘଣ୍ଟ ଘଣ୍ଟି ନାଦ
ମୃଦଂଗ କାହାଳୀ ଶଂଖ ହୁଳହୁଳି
ତୂରୀ ଭେରୀ ତାଳି ଶବ୍ଦ।

ଧାଡି ପହଣ୍ଡିରେ ଝୁଲି ଝୁଲି ପ୍ରଭୁ
ଛାଡିବେ ଶିରୀ ମନ୍ଦିର
ରଥ ପରେ ବସି ଭକତ ଜନଂକୁ
କରୁଣା ଦେବେ ଅପାର।

ତାଳଧ୍ୱଜ ରଥେ ଥିବେ ବଳରାମ
ଦର୍ପଦଳନେ ଭଉଣୀ
ନନ୍ଦିଘୋଷେ ଥିବେ ପ୍ରଭୁ ଚକ୍ରଧାରୀ
ଶ୍ରୀକ୍ଷେତ୍ର ମଉଡମଣୀ।

ରଥ ପରେ କଲେ ଦିଅଁଙ୍କ ଦର୍ଶନ
ପବିତ୍ର ହୁଅଇ ଆଖି
ବଡଦାଣ୍ଡେ ଦେଖି ଶ୍ରଦ୍ଧାଳୁଂକ ଭିଡ
ଆଖି ରହିଯାଏ ଲାଖି।

ଭାବ ବିନୋଦିଆ ଭାବର ବଣିକ
ଢାଳିବେ ଆଶିଷ ବାରି
ସେଥିପାଇଁ ସିଏ ବିଶ୍ୱେ ପରିଚିତ
ଭକତ ବତ୍ସଳ ହରି।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ସାଲବେଗ ବୃତ୍ତାନ୍ତ

### ବିପିନ ବିହାରୀ ମହାନ୍ତି


ରଥଯାତ୍ରା କହିଲେ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରାକୁ ବୁଝାଏ। ଯେଉଁ ଯାତ୍ରାରେ ଭଗବାନଙ୍କର ଭକ୍ତମାନଙ୍କ ପାଇଁ 'ଭକ୍ତବତ୍ସଳ' ଘୋଷଣା ଥାଏ; ଭକ୍ତମାନଙ୍କର ଜୟ ଯାତ୍ରା ଥାଏ, ତାହାହିଁ ଘୋଷ ଯାତ୍ରା। ଏମିତିରେ ରଥଯାତ୍ରାକୁ ମହାବେଦୀ ବା ଯଜ୍ଞବେଦୀ ଅଥବା ଶ୍ରୀ ଗୁଣ୍ଡିଚା ଯାତ୍ରା କୁହନ୍ତି। ଏହାକୁ ମଧ ଆଡ଼ପ ମଣ୍ଡପ ଯାତ୍ରା କୁହନ୍ତି। ଏହିଠାରେ ଠାକୁରମାନଙ୍କର ଜନ୍ମଗ୍ରହଣ ହୋଇଥିବାରୁ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞ କାରଣରୁ ଏକ ସ୍ମୃତିଚାରଣ ସ୍ୱରୂପ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି ବୋଲି ଅନେକ ମତ ଦେଲେ ହେଁ, ଏହା ଭାବ, ଭକ୍ତ ଓ ଭଗବାନଙ୍କର ନିଗୁଢ଼ ସଂପର୍କର ଯାତ୍ରା।

ଜଗନ୍ନାଥ ଧର୍ମ ଏକମାନବବାଦୀ ଧର୍ମ। ଏହା ଜାତି, ସଂପ୍ରଦାୟ, ଦେଶ ଏବଂ କାଳ ଇତ୍ୟାଦିର ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ। ଏହା ସାମ୍ୟ, ମୈତ୍ରୀ, ଶାନ୍ତି ଏକତା ଓ ଭାତୃଭାବର ପ୍ରତୀକ। ଏଥିପାଇଁ ସବୁଧର୍ମକୁ ସମନ୍ୱୟକରି ଜଗନ୍ନାଥ ପାଳଟିଛନ୍ତି ଜଗତର ନାଥ। ତାଙ୍କଠି ସବୁ ପନ୍ଥୀ ସମାନ। ସେ ରାମମାନଙ୍କର ରହିମମାନଙ୍କର... ଯେତେ ବାଦ ଅଛି ସମସ୍ତଙ୍କର। ସେ ମ୍ଲେଛର, ଦାସିଆ ବାଉରୀର, ରଘୁ ଅର୍କ୍ଷିତର, ରାମଦାସର, ବଳରାମ ଦାସର, ଯବନ ଭକ୍ତ ରସଖାନ, ହରିଦାସ ଏବଂ ସାଲବେଗର। ଯିଏ ତାକୁ ଭାବରେ ଡାକିଲା, ସେ ତା'ର। ସେ ତା' ପାଖରେ ବନ୍ଧା। ଏହିପରି ଭକ୍ତମାନଙ୍କ ଦର୍ଶନାର୍ଥେ, ଉଦ୍ଧାରାର୍ଥେ, ପତିତତାରଣାର୍ଥେ, ପାପ ମୋଚନ ଓ ଖଣ୍ଡନାର୍ଥେ ତଥା ନିର୍ବାଣ ଅର୍ଥେ ଘୋଷଯାତ୍ରା ବା ପ୍ରଭୁଙ୍କର ନବଦିନ ଯାତ୍ରାର ଉଦ୍ଦେଶ୍ୟ। ମନ୍ଦିରର ସମସ୍ତ କୁସଂସ୍କାର ତଥା ସଂକୀର୍ଣ୍ଣତା ଦୂରକରି ମୁକ୍ତଦାଣ୍ଡରେ ବିଜେ କରନ୍ତି ପ୍ରଭୁ ଜଗନ୍ନାଥ। ଶାସ୍ତ୍ରମତେ ବଡ଼ଦାଣ୍ଡରେ ରଥ ଉପରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ। ପୁନର୍ଜନ୍ମରୁ କୁଆଡ଼େ ମୁକ୍ତି ମିଳେ : ରଥେତୁ ବାମନଂ ଦୃଷ୍ଟାପୁନର୍ଜନ୍ମ ନ ବିଦ୍ୟତେ ॥'

ପୁନଶ୍ଚ କୁହାଯାଇଛି ଯେ, ନୀଳାଦ୍ରୌ ଦଶସହସ୍ରାଣି ଆଡ଼ପ ମଣ୍ଡପେ ଦିନେ। ଅର୍ଥାତ୍ ବଡ଼ ଦେଉଳର ଚାରି ଠାକୁରଙ୍କୁ ଦଶହଜାର ଦିନ ଦର୍ଶନ କରି ଯେତିକି ଫଳ ମିଳେ, ଆଡ଼ପ ମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ, ସେତିକି ପୁଣ୍ୟଫଳ ମିଳେ। ଭକ୍ତମାନଙ୍କ ପାଇଁ ଭଗବାନଙ୍କର ଏହା ଏକ ଅବସର। ଏହି ସୁଯୋଗ ନେବାପାଇଁ ଭକ୍ତମାନେ ବିଶ୍ୱବ୍ରହ୍ମାଣ୍ଡରୁ ସେମାନେ ଜଗନ୍ନାଥ ଧର୍ମୀ ବା ବିଧର୍ମୀ ଯାହା ହୁଅନ୍ତୁ ପଛେ, ଧାଇଁ ଆସିଥାନ୍ତି। ଯିଏ ଯାହାହେଲେ ବି, ସେ ଭକ୍ତ। ଭକ୍ତର ମନୋବାଞ୍ଛା ପୂରଣ କରିବା ପ୍ରଭୁର ଧର୍ମ ହେତୁ, ବେଳେ ବେଳେ ପ୍ରଭୁର ରଥ ଭକ୍ତପାଇଁ ଅଟକି ଯାଏ।

ଭକ୍ତ ସାଲାବେଗର କାହାଣୀ ଏହାର ଏକ ଦୃଷ୍ଟାନ୍ତ। ବଙ୍ଗ ସୁବେଦାର, ଲାଲବେଗର (୧୬୦୭-୧୬୦୮)ର ପୁତ୍ର ସାଲବେଗ। ଏହି ଲାଲବେଗ ଜଗନ୍ନାଥ ମନ୍ଦିର ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଆସିଥାନ୍ତି। ପିପିଲି ଦେଇ ଶ୍ରୀକ୍ଷେତ୍ର ଗଲାବେଳେ ଦାଣ୍ଡ ମୁକୁନ୍ଦ ପୁରର ଜଣେ ବିଧବା ବ୍ରାହ୍ମଣ ନାରୀ ଲଳିତାଙ୍କୁ ତାଙ୍କ ସ୍ନାନ ସମୟରେ ଲାଲବେଗ ଦେଖନ୍ତି ଏବଂ ତାଙ୍କ ରୂପ ଲାବଣ୍ୟରେ ମୁଗ୍ଧହୋଇ ଅପହରଣ କରି ନେଇ ରାଣୀ କରନ୍ତି ଏବଂ ତାଙ୍କ ନାମ ରଖନ୍ତି ଲାଲବିବି। ସେକୁଆଡ଼େ ଦାଣ୍ଡ ମୁକୁନ୍ଦପୁରର ମାଧବ ରଥ ଓ ସୁଲକ୍ଷଣା ଦେବୀଙ୍କ କନ୍ୟା ତଥା ମୃତ ବନ୍ଧୁ ମିଶ୍ରଙ୍କ ପତ୍ନୀଥିଲେ। ତାଙ୍କ ଗର୍ଭରୁ ସାଲବେଗଙ୍କ ଜନ୍ମ।

ଭିନ୍ନମତେ ସାଲବେଗ ଲାଲବେଗଙ୍କର ପ୍ରଥମ ପତ୍ନୀ ଫତିମା ବିବିଙ୍କର ପୁତ୍ର। ମାତ୍ର ଏକ୍ଷୁଡ଼ିଶାଳରୁ ତାଙ୍କର



ମୃତ୍ୟୁ ହେବାରୁ, ଲାଲ୍‌ବିବି ତାଙ୍କର ଲାଳନପାଳନ କରନ୍ତି। କେଉଁ କଥାଟି ସତ୍ୟ, ଏହା ସିଦ୍ଧାନ୍ତ ନେବା ପୂର୍ବରୁ ଅନ୍ତତଃ ସାଲବେଗଙ୍କୁ ଆଧାରକରି ଆମେ କହିବୁ ଯେ ସେ ଲଳିତା ବା ଲାଲବିବିଙ୍କ ପୁତ୍ର। ଏକଥା ସେ ନିଜେ ଘୋଷଣା କରି କୁହନ୍ତି ଯେ -

"ପିତା ମୋ ମୋଗଲ ବେଟା,
ମାତା ମୋ ବ୍ରାହ୍ମଣୀ
ହୀନକୁଳେଜାତ ମୁହିଁ
ହିନ୍ଦୁନଛୁଏଁ ପାଣି ॥"

ଏହି ସାଲବେଗ ପିତାଙ୍କର ପରି ଦୁର୍ଦ୍ଧର୍ଷ ଥିଲେ। ଏକଦା ରଣ କ୍ଷେତ୍ରରେ ଶତ୍ରୁକୁ ସାମ୍‌ନା କରିନପାରି କ୍ଷତ ବିକ୍ଷତ ହୋଇ ଅକର୍ମଣ୍ୟ ହୋଇ ପଡ଼ିଲେ ଏବଂ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ଏକଥା ମା'ଙ୍କୁ ଜଣାଇଦେଲେ। ଭିନ୍ନମତେ ସେ ଶୈଶବରୁ ରୁଗ୍‌ଣ ଥିଲେ। ସେଥିରୁ ମୁକ୍ତିପାଇଁ କେଉଁଠି ଏପରି ନିଷ୍ପତ୍ତି ନେଲେ। ମା' ତାଙ୍କୁ ପ୍ରେରଣା ଦେଲେ : ତୁ ଗୋକୁଳଚନ୍ଦ୍ର ବୃନ୍ଦାବଳ ଚନ୍ଦ୍ରମାଙ୍କୁ ଡାକ। ସେ ଅବଶ୍ୟ ଗୁହାରି ଶୁଣିବେ। ନୋହିଲେ ଉଭୟ ଆତ୍ମହତ୍ୟା କରିବା।

ଉଭୟ ମାତା ଓ ପୁତ୍ର ଶ୍ରୀକୃଷ୍ଣଙ୍କର ଧ୍ୟାନରେ ବସିଲେ। ଦିନେ ରାତିରେ ପ୍ରଭୁ ତାଙ୍କ ପାଖରେ ବାଳମୁକୁନ୍ଦ ରୂପେ ଉପସ୍ଥିତ ହେଲେ। ସାଲବେଗଙ୍କୁ ଆଉଁଷି ଦେଇ କିଛି ବିଭୂତି ଲେପନ କରିଦେଲେ। ସକାଳୁ ସବୁଠିକ୍, ଏବେ ଗୋକୁଳଚନ୍ଦ୍ରଙ୍କ ପ୍ରତି ଅତୁଟ ବିଶ୍ୱାସରେ ବଂଚି ରହିଲେ ସେଦୁହେଁ।

ଶ୍ରୀ ଚୈତନ୍ୟଙ୍କ ଉପରେ ଶ୍ରୀକ୍ଷେତ୍ରର ପ୍ରଭାବ ପରି ପରବର୍ତ୍ତୀ ସମୟରେ ତାଙ୍କୁ ଶ୍ରୀକ୍ଷେତ୍ର ଆକର୍ଷଣ କଲା। ଜଗନ୍ନାଥଙ୍କ ପ୍ରତି ସେ ସମର୍ପିତ ହୋଇଗଲେ। ତୁଣ୍ଡରେ ଧରିଲେ :

ଆରେ ଗୋଡ଼ ଯୋଡ଼ିକ
ଥାଇ ବୋଇଲେ
ସତମୋ ବଚନରାମା
ସତମୋ ବଚନ।
ଜଗନ୍ନାଥଙ୍କ ଶରଧାବାଲି
ଚାଲିବାକୁ ମନ
ମୁଁ ଶ୍ରୀକ୍ଷେତ୍ର ଯିବି, ଆରେ
ଶ୍ରୀକ୍ଷେତ୍ର ଯିବି।
ଜଗନ୍ନାଥଙ୍କର ଚକାଡ଼ୋଳା ନିତି
ଦେଖୁଥିବି, ମୁଁ ଶ୍ରୀକ୍ଷେତ୍ର ଯିବି।'

ତାପରେ ଶ୍ରୀକ୍ଷେତ୍ର। ବୃନ୍ଦାବନ ଚନ୍ଦ୍ରରୁ ଜଗନ୍ନାଥଙ୍କୁ ଭକ୍ତିର ସ୍ୱର ବଦଳିଲା।

♦ଆହେ ନୀଳ ଶଇଳ ପ୍ରବଳ ମତ ବାରଣ, ମୋ ଆରତ ନଳିନୀ ବନକୁ କର ଦଳନ..।

♦କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ ଆମେ ଦର୍ଶନ କରିବା କାହାକୁ..॥

♦ଜଗନ୍ନାଥହୋ, କିଛି ମାଗୁନାହିଁ ତୋତେ, ଧନ ମାଗୁନାହିଁ ଜନ ମାଗୁନାହିଁ, ମାଗୁଛି ଶରଧା ବାଲିରୁ ହାତେ...॥'

♦ନୀଳଚକ୍ରେ ଦେଖ ଉଡୁଛି ବାନା, ପତିତପାବନ ବାନାଟି ଯାର ନାଁ...।

♦ଜଗ ବନ୍ଧୁହେ ଗୋସାଇଁ, ତୁମ୍ଭ ଶ୍ରୀ ଚରଣବିନୁ ଅନ୍ୟ ଗତି ନାହିଁ।'

ଇତ୍ୟାଦି ଭଜନ ଓ ସ୍ତୁତି ଚାଲିଲା। କହିଛେ ଭକ୍ତାଧୀନ ଭଗବାନ। ସେ ଭକ୍ତର ଭାବରେ ବନ୍ଧା ବୋଲି ଭାବଗ୍ରାହୀ। ଭକ୍ତଲାଗି ଘୋଷଯାତ୍ରା। ଭକ୍ତର ଅପେକ୍ଷାରେ ଅଟକି ଯାଏ ରଥ। ଶୁଣାଯାଏ ସାଲବେଗ ଦୀର୍ଘଦିନ ପୁରୀରେ ଅବସ୍ଥାନ ପରେ ଶ୍ରୀ ବୃନ୍ଦାବନକୁ ଯାତ୍ରା କରିଥିଲେ। ଭାବିଥିଲେ ରଥ ଯାତ୍ରା ପୂର୍ବରୁ ସେ ଯେମିତି ହେଲେ ଫେରି ଆସିବେ; କିନ୍ତୁ ଶାରୀରିକ ଅସୁସ୍ଥତା ବଶତଃ ସେ ପଥ ମଧ୍ୟରେ ଅଟକିଗଲେ। ରଥା ଯାତ୍ରା ପୂର୍ବରୁ ଏତେବାଟ ଅତିକ୍ରମି ଆସିବାରେ ତାଙ୍କର ସାମର୍ଥ୍ୟ ନଥିଲା। ତଥାପି ମନ ମଧ୍ୟରେ ଏକାଗ୍ରତାର ସହିତ ସେ ନନ୍ଦିଘୋଷ ଉପରେ ଜଗନ୍ନାଥଙ୍କୁ ଦେଖିବାରେ ଅଭିଳାଷ ରଖି ଗାଇଥିଲେ :

'ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ ॥୦॥
ସାତଶ ପଚାଶ କୋଶ
ଚାଲି ନପାରଇ
ମୋ ଯିବାଯାଏଁ ନନ୍ଦିଘୋଷ ଥିବ ରହି ॥୧॥

ସାଲବେଗଙ୍କର ଆକୁଳ ନିବେଦନ ଜଗନ୍ନାଥଙ୍କର କର୍ଣ୍ଣଗୋଚର ହେଲା। ବଡ଼ଠାକୁର ଓ ସୁଭଦ୍ରାଙ୍କ ରଥ। ବଳଗଣ୍ଡି ଅତିକ୍ରମ କରି ଚାଲିଗଲା ଅଥଚ କାଳିଆର ରଥ ଶରଧାବାଲିରୁ ତିଳେ ହେଲେ ଘୁଞ୍ଚିଲା ନାହିଁ। ସେମିତି ପଡ଼ିରହିଲା ଏବଂ କେଉଁ ସୁଦୂର ପଥ ଅତିକ୍ରମି ଭକ୍ତ ସାଲବେଗ ଆସିଲାପରେ ଏବଂ ଦର୍ଶନ ଅନ୍ତେ ନନ୍ଦିଘୋଷ ଚାଲିଲା। ଏଥିରୁ ଅନୁମିତ ହୁଏ ଭକ୍ତପାଇଁ ଭଗବାନ ସୁବୁକିଛି। ସେହି ସାଲବେଗଙ୍କ ବାଣୀରେ :

ଏକାତୋ ଭକତ ଜୀବନ
ଭକତ ନିମନ୍ତେ
ତୋର ଶଙ୍ଖଚକ୍ର ଚିହ୍ନ ॥୦॥
ଭକତ ତୋ ପିତାମାତା
ଭକତ ତୋ ବନ୍ଧୁ
ଭକତ ନିମନ୍ତେ
ତୋର ନାମ କୃପାସିନ୍ଧୁ ॥୧॥

ଏବେ ତାଙ୍କରି ସ୍ମୃତିରେ ବଡ଼ଦାଣ୍ଡର ପ୍ରଥପ୍ରାନ୍ତେ ଭକ୍ତସାଲବେଗଙ୍କ ସମାଧିପୀଠ ଯେଉଁଠି ରଥବେଳେ କିଛିକ୍ଷଣ ଅଟକିଯାଏ ନନ୍ଦିଘୋଷ ରଥ। ଧନ୍ୟ ଏ ଘୋଷଯାତ୍ରା; ଧନ୍ୟ ଶ୍ରୀ ଜଗନ୍ନାଥଙ୍କର ଭକ୍ତବତ୍ସଳ ବାନା ଏବଂ ଧନ୍ୟ ଏ ଭକ୍ତସାଲବେଗ।

+ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ,
ଦୂରଭାଷ : ୯୯୩୮୩୪୪୧୩୮

# ରଥଯାତ୍ରା ବିଶେଷାଙ୍କ

ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ଶୁକ୍ରବାର,୨୭ ଜୁନ୍, ୨୦୨୫

## କାଳିଆ

### ଦିନେଶ ମେହେର

ଥରେ ଲେଖି ଦିଅନ୍ତୁନି
ମୋ କପାଳ ଉପରେ
ଶଙ୍ଖଚୁଡ଼ ଭଳି ଭାଗ୍ୟ,
ଯେଉଁଠି ରାକ୍ଷସରୁ
ତୋ ରଥ ଦଉଡ଼ି ପାଲଟି ଗଲା ଭଳି
ମୁଁ ବି ପାଲଟି ଯାଆନ୍ତି
ତୋର ଆପଣାର କେହି ଜଣେ,
ତରି ଯାଆନ୍ତି ଏଇ ପାପୀ ଜୀବନରୁ....!
ଜାଣିଛି,
ଏବେ ବି ତୁ ଆମର ଅତି ଆପଣାର,
ତୋ ସଂଜ୍ଞା ଯଦି ଖୋଜେ -
ତୁ ଈଶ୍ୱର , ପରମେଶ୍ୱର
ବନ୍ଧୁ, ସଖା ସହୋଦର,
ତୁ ପିତା, ତୁ ମାତା, ତୁ ଜଗତର ପାଳନକର୍ତ୍ତା
ପୁଣି ତୁ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ
କଳି ଯୁଗରେ ସ୍ୱୟଂ ନାରାୟଣ...!
ଜାଣିଛୁ,
ତତେ ଥରେ ଦେଖିବାକୁ
ଏକୋଇଶି ବର୍ଷ ହେଲା ମୋର ହଳେ ଆଖି
ବ୍ୟାକୁଳ ହେଇ ଉଠୁଛି,
ତୋ ବଡ଼ଦାଣ୍ଡ ରେ ଗଡିବାକୁ
ତରସି ଯାଉଛି ମୋ ପାପୀ ଶରୀର,
ତଥାପି ଅନେଇ ବସିଛି ତୋ ଆସିବା ବାଟକୁ,
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିକୁ
ତୋ ରଥ ଯାତରାକୁ....!
ଶୁଣିଛି,
ତୁ କୁଆଡ଼େ ଗମ୍ଭୀରା ଭିତରୁ ବାହାରି ଆସୁ
ତୋ ଭକ୍ତର ଦୁଃଖ ବୁଝିବାକୁ,
ମୁଣ୍ଡରେ ରାଘବ ଦାସର ଟାହିଆ ହଲେଇ ହଲେଇ,
ଖନ୍ଦାରୁଢ଼ ହେଇ ଖୁଣ୍ଟିଆର
'ମଣିମା' 'ମଣିମା' ଡାକରେ
ଛୋଟ ପିଲାଟିଏ ଭଳି ଝୁଲି ଝୁଲି
ବିଜେ କରୁ ନନ୍ଦିଘୋଷ ରଥରେ,
ତୋ ଆଗରେ ହଳଧର ଦାଉ
ତାଳଧ୍ୱଜ ରଥରେ ବିରାଜମାନ କରି
ଅନେଇ ରହିଥାନ୍ତି ଜଗତକୁ,
ମଝିରେ ଅନନ୍ତବୀର୍ଯ୍ୟା ମହାମାୟା
ଦେବୀ ସୁଭଦ୍ରା,
ପରେ ପରେ ତୁ କଳା ଠାକୁର.....!
ହରିବୋଲ, ହୁଳହୁଳି, ଘଣ୍ଟ, ଶଙ୍ଖ ଧ୍ୱନିରେ
ତମାମ ବଡ଼ଦାଣ୍ଡ ଦୋହଲି ଉଠୁଥିବା ବେଳେ,
ବିଶାଳ ଜନ ସମୁଦ୍ର ତୋ
ଆଗରେ ଲହରୀ ଖେଳେ
ସେ ଭିତରେ ତୁ କର୍ମଭୂମିରୁ ଜନ୍ମଭୂମି
ଅଭିମୁଖେ ଯାତ୍ରା କରୁ....!
ଶୁଣିଛି,
ତୁ କୁଆଡ଼େ ଦରିଦ୍ରଙ୍କ ଦୁଃଖ ହରୁ ବୋଲି
ତୋ ନାଁ ଦୀନବନ୍ଧୁ, କୃପାସିନ୍ଧୁ
ଅନେକଙ୍କ ଆଖିର ଲୁହ
ଛାତିର କୋହ ତୁ ଦେଖୁ, ଶୁଣୁ, ବୁଝି ମଧ ପାରୁ
ତେବେ କଣ ତତେ ଏଯାଏଁ ଶୁଭୁନି
ମୋର ଆରତ ସ୍ୱର ?
ସତରେ କଣ
ତୁ ଦେଖି ପାରିନୁ
ମୋ ପୋଡ଼ା କପାଳର ଭାଗ୍ୟ ମାନଙ୍କୁ..... ?

+ଜୁନାଗଡ଼ ସାହିତ୍ୟ ସଂସଦ
ଜୁନାଗଡ଼ କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

## ଜୟ ଜଗନ୍ନାଥ

### ଦିପିକା ହୋତା

ଜଗତର ନାଥ ତୁମେ ପ୍ରଭୁ ଜଗନ୍ନାଥ
ତୁମ ନାମେ ତରି ଗଲେ କେତେ ସାଧୁ ସନ୍ଥ
ପତିତପାବନ ତମେ ଭକତର ଭାବ
ତୁମ ବିନା ଏ ଦୁନିଆଁ ଲାଗେ ଅସମ୍ଭବ
ଅଭାବର ସ୍ୱଭାବ ତୁମେ ଦୁଖୀର ମିତ
ଜଗତର ନାଥ ତୁମେ ପ୍ରଭୁ ଜଗନ୍ନାଥ ।
ମନ ମୋର ? ରହିଥାଉ ସର୍ବଦା ପବିତ୍ର
ଶୁଦ୍ଧ ହୋଇ ରହିଥାଉ ଏ ? ମୋର ଚରିତ୍ର
ଲୋଡା ନାହିଁ ସୁଖ ମୋର ,
ଲୋଡା ନାହିଁ ଦୁଃଖ
ତୁମ ଭକତିରୁ ନହୁଏଁ କେବେ ବିମୁଖ
ମନରେ ତୁମରି ପୂଜା ହେଉଥାଉ ନିତ୍ୟ
ଜଗତର ନାଥ ତୁମେ ପ୍ରଭୁ ଜଗନ୍ନାଥ ।
ଅନ୍ୟକୁ ଦେବା ପାଇଁ ଖୁସିକର ସକ୍ଷମ
ଆହେ ଜଗନ୍ନାଥ ଘେନ ମୋ କୋଟି ପ୍ରଣାମ
ଭକତିରେ ଭରିଯାଉ ମୋ ? ମନ ହୃଦୟ
ବାସନାରେ ଭରିଦିଏ ତୁମରି ମଳୟ
ହୃଦୟରେ ରାଜା ତୁମେ ଅନାଥର ନାଥ
ଜଗତର ନାଥ ତୁମେ ପ୍ରଭୁ ଜଗନ୍ନାଥ ।।

ନୂଆପଡା

## ମହାପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ ଯାତ୍ରାର ଏକ ବିହଙ୍ଗାବଲୋକନ

### ଅମୂଲ୍ୟ କୁମାର ପଣ୍ଡା

ବରୁଣାମୟ ଜଗତର ନାଥ ଜଗନ୍ନାଥଙ୍କ ମହାପ୍ରଭୂଙ୍କର ଲୀଳା ଅପାର । ତାଙ୍କର ଲୀଳା ମଧ୍ୟରୁ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା ଗୁଡିକ ବେଶ୍ ଲୀଳାମୟ କ୍ଷ ତାଙ୍କର ଯାତ୍ରା ମଧ୍ୟରୁ ରଥଯାତ୍ରା, ଘୋଷଯାତ୍ରା ଓ ଶ୍ରୀଗୁଣ୍ଡିଚା ଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହା ପୁରୀ ତଥା ଦେଶ ବିଦେଶରେ ପାଳିତ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତିର ଏକ ଅନନ୍ୟ ପର୍ବ । ଅଧୁନା ଏହା ପ୍ରାୟ ୬୦ରୁ ଅଧିକ ସ୍ଥାନରେ ପାଳିତ ହେଉଛି । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସର୍ବପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରାର ମଧ୍ୟରେ ପ୍ରଧାନ । ଏହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ । ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ନବଦିନ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ । ବିଭିନ୍ନ ମତରେ ରଥଯାତ୍ରାର ୮ଟି ଅଙ୍ଗ ରହିଛି, ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ । ୧. ସ୍ନାନ ଉତ୍ସବ, ୨. ଅନବସର, ୩. ନେତ୍ରୋତ୍ସବ, ୪. ଶ୍ରୀଗୁଣ୍ଡିଚା, ୫. ହେରାପଞ୍ଚମୀ, ୬. ଆଡ଼ପ ପର୍ବ, ୭. ବାହୁଡ଼ା ଯାତ୍ରା ଓ ୮. ନୀଳାଦ୍ରି ବିଜେ । ପୁନଶ୍ଚ ରଥଯାତ୍ରା ୫ ଭାଗରେ ବିଭକ୍ତ। ଯଥା ୧. ଅନ୍ତର୍ବେଦୀ, ୨. ମହାବେଦୀ ମହୋତ୍ସବ, ୩. ଆଡ଼ପ ଉତ୍ସବ, ୪. ଦକ୍ଷିଣାମୁଖୀ ଉତ୍ସବ ଓ ୫. ନୀଳାଦ୍ରି ବିଜୟ । ଏହାକୁ ଗୁଣ୍ଡିଚା ପଞ୍ଚକ କୁହଯାଏ । ରଥଯାତ୍ରା ବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି। ଋକ୍ ବେଦ ଓ ଅଥର୍ବ ବେଦ ଇତ୍ୟାଦିରେ ରଥ ଶବ୍ଦର ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ ଗ୍ରନ୍ଥରେ ମଧ ଏହାର ଆଭାସ ମିଳିଥାଏ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁଧାନ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ୍ ନିଦର୍ଶନ ମିଳିଥାଏ । ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା। ଯେଉଁ ସବୁ ରଥଯାତ୍ରାର ଉଲ୍ଲେଖ ହେଇଛି ସେଥି ମଧ୍ୟରେ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ହେଉଛି ସବୁଠାରୁ ଅଧିକ ଜନାଦୃତ ଓ ପ୍ରସାରିତ । କେତେକ ଗବେଷକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି । କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ପ୍ରାରମ୍ଭରେ ଚୀନ ପରିବ୍ରାଜକ ଫାଇୟାନ୍ ଖୋଟାନରେ ଅନୁଷ୍ଠିତ ରଥଯାତ୍ରାର ଯେଉଁ ବିବରଣୀ ଲିପିବଦ୍ଧ କରିଛନ୍ତି, ତାହା ଆଜିସୁଦ୍ଧା ପ୍ରଚଳିତ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ସହ ମେଳ ଖାଉଛି । ଏହି ରଥ ଯାତ୍ରାର ନାମ କରଣ ର ମଧ୍ୟ କିମ୍ବଦନ୍ତୀ ଅଛି ଲ ଘୋଷଯାତ୍ରା: ବିଶ୍ୱର ମଙ୍ଗଳ ଘୋଷଣା କରୁଥିବାରୁ ବା ନନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଘୋଷଯାତ୍ରା । ଆଡ଼ପମଣ୍ଡପରେ ଯାତ୍ରା: ଗୁଣ୍ଡିଚା ମଣ୍ଡପରେ ଥିବା ଆଡ଼ପମଣ୍ଡପରେ ବିଜେ କରୁଥିବାରୁ ଆଡ଼ପମଣ୍ଡପ ଯାତ୍ରା । ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା: ପ୍ରଭୁଙ୍କର ଜନ୍ମ ବେଦୀ ଆଡ଼ପମଣ୍ଡପଠାରେ ହୋଇଥିବାରୁ ଜନ୍ମବେଦୀ ବା ଅନ୍ତର୍ବେଦୀ ଯାତ୍ରା । ଦଶାବତାର ଯାତ୍ରା: ଗୁଣ୍ଡିଚା ଘରେ ଦଶ ଅବତାର ବେଶ ହେଉଥିବାରୁ ଦଶାବତାର ଯାତ୍ରା। ପତିତପାବନ ଯାତ୍ରା: ପତିତମାନଙ୍କୁ ଉଦ୍ଧାର କରିବାକୁ ଏହି ଯାତ୍ରା ହେଉଥିବାରୁ ପତିତପାବନ ଯାତ୍ରା । ନବଦିନାତ୍ମକ ଯାତ୍ରା : ଏହି ଯାତ୍ରା ଯିବା ଆସିବା ଓ ରହଣୀକୁ ମିଶେଇ ୯ ଦିନ ହେଉଥିବାରୁ ନବଦିନାତ୍ମକ ଯାତ୍ରା । ଗୁଣ୍ଡିଚା ଯାତ୍ରା: ଗୁଣ୍ଡିଚା ଘରକୁ ଯାତ୍ରା କରୁଥିବାରୁ ଏହା ଗୁଣ୍ଡିଚା ଯାତ୍ରା ।

ପୌରାଣିକ ତଥ୍ୟ ଓ କିମ୍ବଦନ୍ତୀ ତଥା ପୌରାଣିକ ଆଖ୍ୟାୟିକା ଅନୁଯାୟୀ, ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଦ୍ୱାରକାଧିପତି ଶ୍ରୀକୃଷ୍ଣ । ଶେଷତମ ଆତ୍ମୀୟ ଭାବରେ ପାଣ୍ଡବଗଣ ସଖା ଶ୍ରୀକୃଷ୍ଣଙ୍କ ଶରୀରକୁ ଦାହ କରିବା ପାଇଁ ଚେଷ୍ଟାକରି ବିଫଳ ହେଲେ, କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଶ୍ରୀକୃଷ୍ଣଙ୍କ ଶରୀରକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା । ଶୂନ୍ୟବାଣୀ ହେଲା- କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ, ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ ପାଣ୍ଡବମାନେ ତାହାହିଁ କଲେ। ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ। ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । କେବଳ ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ କହିଥିଲେ : ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ। ସେଥିପାଇଁ ଶ୍ରୀଜୀଉମାନେ ଗୁଣ୍ଡିଚାଘରକୁ ବୁଲି ଯାଆନ୍ତି ଓ ବାହୁଡ଼ନ୍ତି।

ବିଭିନ୍ନ ପୁରାଣରେ ମହାପ୍ରଭୁମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି। ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ। ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ବିଶ୍ୱର ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ । ତେଣୁ ପୁରାଣ ମାନଙ୍କରେ କୁହାଯାଇଛି, ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ ଗୁଣ୍ଡିଚା ମନ୍ଦିରରେ ଏକ ଦିବସ ଦର୍ଶନରେ ସେତିକି ଫଳ ଲାଭ ହୁଏ । ସ୍କନ୍ଦ ପୁରାଣ ଅନ୍ତର୍ଗତ



ଉତ୍କଳ ଖଣ୍ଡର ୩୩ଶ ଅଧ୍ୟାୟ ଠାରୁ ୩୫ଶ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ପାଳିତ ମହାପ୍ରଭୁମାନଙ୍କ ରଥଯାତ୍ରାର ସବିଶେଷ ବିବରଣି ରହିଅଛି। ନିମ୍ନରେ ସେହି ବିବରଣୀର ସାରମର୍ମ ଉଲ୍ଲେଖ କରାଯାଇଛି - ବୈଶାଖ ଶୁକ୍ଳ ତୃତୀୟା ରୋହିଣୀ ନକ୍ଷତ୍ର ଦିନ ରାଜା ସଂକଳ୍ପ କରିବେ। ଆଚାର୍ଯ୍ୟ ବରଣ କରିବେ । କାର୍ଯ୍ୟଦକ୍ଷ ଅବିଦିତ ଜଣେ ବା ତିନିଜଣ ସୂତ୍ରଧରଙ୍କୁ ବନକୁ ଯିବାପାଇଁ ବସନ, ଭୂଷଣ ଦେଇ ବରଣ କରିବେ। ଯେଉଁ ବନରେ ଅତ୍ୟୁତ୍ତମ ତରୁ ବିଦ୍ୟାମାନ ସେଠାକୁ ଯାଇ ରାଜା ମନ୍ତ୍ର ଉଚ୍ଚାରଣ କରି ଅଗ୍ନି ସ୍ଥାପନ କରିବେ। ଆଜ୍ୟଧାରଯୁକ୍ତ ଅଷ୍ଟୋତ୍ତର ଶତ ଆହୁତି ଦେବେ। ପ୍ରତି ବୃକ୍ଷ ମୂଳରେ ଆଜ୍ୟଧାରା ଦେବେ। ଦିଗପାଳମାନଙ୍କୁ ଯଥାବିଧି ବଳି ଦେବେ। କ୍ଷେତ୍ରପାଳମାନଙ୍କୁ ପଶୁବଳି ଦେବେ। ବୃକ୍ଷର ପ୍ରୀତି ପାଇଁ ଶ୍ହେ ଦୁଗ୍ଧାନ୍ନ ଆହୁତି ଦେବେ । ଆଚାର୍ଯ୍ୟ ପତଗଧ୍ୱଜ ଭଗବାନଙ୍କୁ ଧ୍ୟାନକରି କୁଠାରଧରି ମନ୍ତ୍ର ଉଚ୍ଚାରଣ କରି ବୃକ୍ଷର ମୂଳକୁ ଅଳ୍ପ ଅଳ୍ପ କରି କାଟିବେ। ସେଠାରେ ମଙ୍ଗଳଧ୍ୱନି କରାଇବେ । ସୂତ୍ରଧରଙ୍କୁ ଗଛକାଟି କାର୍ଯ୍ୟରେ ନିଯୁକ୍ତ କରି ଆଚାର୍ଯ୍ୟ ସ୍ୱଗୃହକୁ ଫେରିବେ । ଯଦି ରଥ ନିର୍ମାଣ ଉପଯୁକ୍ତ ସ୍ୱଗୃହ ନିକଟରେ ମିଳିବ ତାହା ହେଲେ ବିଧାନ ଅନୁସାରେ କାଷ୍ଠ ସଂସ୍କାର କରିବେ । ସ୍କନ୍ଦ ପୁରାଣ ଅନୁସାରେ - ଜଗନ୍ନାଥଙ୍କ ରଥ ଚକ ସଂଖ୍ୟା ୧୬ (ଷୋହଳ), ବେଦୀ ଉପରୁ ରଥର ଉଚ୍ଚତା ୨୩ (ତେଇଶି) ହାତ, ଚାରୋଟି ତୋରଣ ହେବ । ଗରୁଡଧ୍ୱଜ ରକ୍ତ ଚନ୍ଦନ କାଠରେ ହେବ। ବଳଦେବଙ୍କ ରଥର ୧୪ (ଚଉଦ)ଟି ଚକ, ବେଦୀ ଉପରୁ ରଥର ଉଚ୍ଚତା ୨୨ (ବାଇଶ) ହାତ। ସୁଭଦ୍ରା ଦେବୀଙ୍କ ରଥର ଚକ ସଂଖ୍ୟା ୧୨(ବାର), ବେଦୀ ଉପରୁ ଉଚ୍ଚତା ୨୧ (ଏକୋଇଶ) ହାତ। ଏହି ରଥଯାତ୍ରାକୁ ନବଦିନାତ୍ମିକା ଯାତ୍ରା କୁହାଯାଏ। ଏହାର ତିନୋଟି ଅଙ୍ଗ । ପ୍ରଥମ ଅଙ୍ଗ -ପୂର୍ବ ଯାତ୍ରା, ଦ୍ୱିତୀୟ ଯାତ୍ରା- ଗୁଣ୍ଡିଚା ମଣ୍ଡପରେ ଅବସ୍ଥାନ ବା ଆଡ଼ପ, ତୃତୀୟ ଅଙ୍ଗ- ବାହୁଡା ଯାତ୍ରା ।

ଚୈତନ୍ୟ ଚରିତାମୃତ ଗ୍ରୀନ୍ ଅନୁସାରେ ରଚୟିତା କବିରାଜ କୃଷ୍ଣ ଦାସ ଉକ୍ତ ଗ୍ରନ୍ଥରେ ଶ୍ରୀକ୍ଷେତ୍ରରେ ପାଳିତ ରଥଯାତ୍ରାର ଯେଉଁ ବିବରଣ ପ୍ରଦାନ କରିଛନ୍ତି, ତାହା ଦୀର୍ଘ ପାଞ୍ଚ ଶହ ବର୍ଷ ପୂର୍ବର ଅଟେ। ସେ ଚୈତନ୍ୟଙ୍କ ଶିଷ୍ୟ ରଘୁନାଥ ଦାସ ଗୋସ୍ୱାମୀଙ୍କ ଶିଷ୍ୟ ଥିଲେ । ଚୈତନ୍ୟ ଚରିତାମୃତ ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟ ତାଙ୍କ ପାର୍ଷଦମାନଙ୍କ ସହିତ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ମାର୍ଜନା କରୁଥିଲେ। ସେମାନେ ଛୋଟ ବଡ଼ ମନ୍ଦିର ମାର୍ଜନା ଓ ଶୋଧନ ତଥା ଶେଷରେ ଜଗମୋହନ ପରିଷ୍କାର କରୁଥିଲେ । ପୁନଶ୍ଚ ଉକ୍ତ ଗ୍ରନ୍ଥରେ ହୋଇଥିବା ବର୍ଣ୍ଣନା ଅନୁଯାୟୀ , ସେ ସମୟରେ ରଥର ସାଜସଜ୍ଜା ଉତ୍ତମମାନର ଥିଲା। ଏହା ଦର୍ଶନ କରି ସମସ୍ତେ ବିସ୍ମୟ ପ୍ରକାଶ କରୁଥିଲେ। ରଥ ସଦ୍ୟ ସୁବର୍ଣ୍ଣ ଛାଉଣୀ ହେବା ଭଳି ପ୍ରତୀୟମାନ ହେଉଥିଲା ଓ ଏହା ସୁମେରୁ ପର୍ବତ ସଦୃଶ ଅତି ଉଚ୍ଚ ଥିଲା। ରଥଗୁଡିକ ଉଜ୍ଜ୍ୱଳ ଦର୍ପଣ ଓ ଶହ ଶହ ଚାମର ଦ୍ୱାରା ସଜ୍ଜିତ ହେଉଥିଲା। ରଥ ଉପରେ ସୁନ୍ଦର ଚାନ୍ଦୁଆ ଟଣା ହେଉଥିଲା ଏବଂ ଅଗ୍ର ଭାଗରେ ଅତି ସୁନ୍ଦର ପତକା ଶୋଭା ପାଉଥିଲା। ରଥଗୁଡିକ ମଧ ପାଟବସ୍ତ୍ର ଏବଂ ନାନା ପ୍ରକାର ଚିତ୍ର ଦ୍ୱାରା ସୁଜ୍ଜିତ ହେଉଥିଲା। ଘଣ୍ଟା, ଘଣ୍ଟି, କିଙ୍କିଣୀ ପ୍ରଭୃତି ବିବିଧ ବାଦ୍ୟ ମଧ ବାଜୁଥିଲା। ସେତେବେଳେ ଠାକୁରମାନଙ୍କ ପହଣ୍ଡି ଦଇତାମାନଙ୍କ ଦ୍ୱାରା ହେଉଥିଲା। ଶ୍ରୀଜଗନ୍ନାଥଙ୍କ ବାହକ ଦଇତାମାନେ ମତ୍ତହସ୍ତୀ ତୁଲ୍ୟ ଶକ୍ତିଶାଳୀ ଥିଲେ । ପହଣ୍ଡି ସମୟରେ ପହଣ୍ଡି ସ୍ଥାନଠାରୁ ରଥ ପର୍ଯ୍ୟନ୍ତ ତୁଳା ନିର୍ମିତ ଉଚ୍ଚାଗଦି ବା ତୁଳୀ ବିଛାଇ ଦିଆଯାଉଥିଲା ଏବଂ ଦଇତାମାନେ ଶ୍ରୀଜଗନ୍ନାଥଙ୍କୁ ଗୋଟିଏ ଗଦିରୁ ଅନ୍ୟ ଏକ ଗଦିକୁ ବହନ କରି ନେଇଯାଉଥିଲେ, ଏହି ସମୟରେ କେତେକ ତୁଳା ଖଣ୍ଡ ଖଣ୍ଡ ହୋଇ ଛିଡ଼ି ଯାଉଥିଲା ଏବଂ ତୁଳା ସବୁ ଆକାଶରେ ଉଡୁଥିଲା ଓ ଗଦି ଫାଟିବା ସମୟରେ ପ୍ରଚଣ୍ଡ ଶବ୍ଦ ସୃଷ୍ଟି ହେଉଥିଲା। ବର୍ତ୍ତମାନ ଗଜପତି ମହାରାଜ ରଥ ଉପରେ ଛେରାପହଁରା କଲା ପରି ସେତେବେଳେ ହେଉନଥିଲା। ରାଜା ରଥ ତଳେ ପଥରେ ଛେରା ପହଁରା କରୁଥିଲେ । ପ୍ରତାପରୁଦ୍ର ଦେବ ନିଜେ ସୁନା ଛାଉଣୀ ଦ୍ୱାରା ପଥ ପରିଷ୍କାର କରୁଥିଲେ, ରାଜା ପଥ ମଧ୍ୟରେ ସୁଗନ୍ଧି ଚନ୍ଦନ ଜଳ ସିଞ୍ଚନ କରୁଥିଲେ । ସେ ସମୟରେ ରଥଟଣାରେ ଗୌଡ଼ ନାମକ ସମ୍ପ୍ରଦାୟ ନିଯୁକ୍ତ ହେଉଥିଲେ । ତାଙ୍କ ସହିତ ହସ୍ତୀମାନଙ୍କୁ ମଧ ରଥଟଣା କାର୍ଯ୍ୟରେ ଲଗାଯାଉଥିଲା । ଶ୍ରୀଚୈତନ୍ୟ ସେତେବେଳେ ରଥ ଆଗରେ ଭାବ ବିହ୍ୱଳିତ ନୃତ୍ୟ ଓ ସଂକୀର୍ତ୍ତନ କରୁଥିଲେ । ଶ୍ରୀଚୈତନ୍ୟ ଏକ ସଙ୍ଗେ ସାତଟି ଦଳରେ ନୃତ୍ୟ କରୁଥିଲେ । ତତ୍କାଳୀନ ସମୟରେ ବଳଗଣ୍ଡିଠାରେ ରଥ ଦୀର୍ଘ ସମୟ ରହିବାର ପ୍ରଥା ଥିଲା । ସେହି ସ୍ଥାନରେ ଜଗନ୍ନାଥଙ୍କ ନିକଟରେ ବିପୁଳ ପରିମାଣର ଭୋଗ ଲାଗିବାର ନିୟମ ବା ଚଳଣି ମଧ ଥିଲା । (କ୍ରମଶଃ)

ଅରଙ୍ଗାବାଦ୍ , ବରୀ , ଯାଜପୁର
ମୋ- ୮୨୪୯୫୦୨୭୭୬

## ରଥେ ଆସ ପ୍ରଭୁ ଜଗନ୍ନାଥ

### ନୂତନ କୁମାର ବେହେରା

ରଥ ପଥ ସୁସଜ୍ଜିତ ଆସ ପ୍ରଭୁ ଜଗନ୍ନାଥ
ତୁମ ଦରଶନ ଲାଗି ଚାହିଁ ରହିଛି ଅନାଥ,
ତୁମେ ଦୟାମୟ ପରଂବ୍ରହ୍ମ ନୟନର ପଥ
କୃପା କଲେ ପୂର୍ଣ୍ଣ ହୁଏ ଭକତର ମନୋରଥ।

ବଡ଼ଦାଣ୍ଡ ଭାରି ଭିଡ଼ ଆସିଛି ଗୁଣ୍ଡିଚା ଜାତ
ତୁମ ରଥଯାତ୍ରା ଦେଖି ସର୍ବେ ହେବେ ଆନନ୍ଦିତ,
ବାଜେ ବାଜା ନାଚେ ମନ ପ୍ରାଣ ହୁଏ ପୁଲକିତ
ନନ୍ଦିଘୋଷ ଚଢ଼ିଥିବ ଦେଖିବ ସାରା ଜଗତ।

ହୁଅଇ ଛେରା ପହଁରା ପହଣ୍ଡିରେ ବିଜେ କର
ବାଙ୍କ ଚାହାଁଣୀର ହସେ
ତୁମେ ଜନ ମନ ହର,
ଭାଇ ଭଉଣୀଙ୍କ ମେଳେ ଯାଅ ଶ୍ରୀଗୁଣ୍ଡିଚା ପୁର
ମାଉସୀ ମା' ଜଗିଥାନ୍ତି ଯିବା ବାଟକୁ ତୁମର।

ବଡ଼ଭାଇ ବଳଭଦ୍ର ଭଉଣୀ ସୁଭଦ୍ରା ଦେବୀ
ଅଳଙ୍କାରେ ତୁମ ଶିରୀ ଜଗତେ ସୁନ୍ଦର ଛବି,
ପାପୀ ପାଏ ପୁଣ୍ୟଫଳ ତୁମ ପଦ୍ମପାଦ ସେବି
ତୁମ ଅନନ୍ତ ମହିମା ଅଜ୍ଞାନ ପାରେନା ଭାବି।

ରଥ ପଥ ସୁସଜ୍ଜିତ ଆସ ପ୍ରଭୁ ଜଗନ୍ନାଥ
ନନ୍ଦିଘୋଷ ତାଳଧ୍ୱଜ ଓ ଦେବଦଳନ ରଥ,
ତୁମ ଲାଗି ଅଛି ଉଭା ବଡ଼ଦାଣ୍ଡେ ଚାହିଁ ପଥ
ବିଜେ କର ମହାପ୍ରଭୁ ବିଶ୍ୱ ବ୍ରହ୍ମାଣ୍ଡର ନାଥ।

ଭକତ ବତ୍ସଳ ତୁମେ ଦୀନବନ୍ଧୁ ଆର୍ତ୍ତତ୍ରାଣ
ଆଦି ଅନାଦିର ସ୍ରଷ୍ଟା ଜଗତ ଜନର ପ୍ରାଣ,
ଆରତେ ଆରତ ଡାକି ନିଅଇ ତୁମ ଶରଣ
ବାହୁଛାୟା ତଳେ ତୁମ
ବିନୟେ କରେ ଜଣାଣ।

ତୁମେ ସତ୍ୟ ଚିର ଶାନ୍ତ ଶାନ୍ତିର ଦିଗଦର୍ଶକ
ଦୁଃଖର ଅନ୍ଧାର ଘୁଞ୍ଚେ ପାଇ ତୁମ ଜ୍ଞାନାଲୋକ,
ସଚରାଚର ଚଉଦ ଭୁବନେ ତୁମେ ପାଳକ
ନର ରୂପୀ ଘଟେ ରହି ଜୀବର ହୁଅ ରକ୍ଷକ।

ପବିତ୍ର ହେଉ ଏ ଆଖି ତୁମ ଦିବ୍ୟରୂପ ଦେଖି
ଜୀବନ ଯନ୍ତ୍ରଣା ଯାଉ ତୁମ ଠାରେ ଧ୍ୟାନ ରଖି,
ତୁମେ କରୁଣାକର ପାପପୁଣ୍ୟର ଏକା ସାକ୍ଷୀ
ପ୍ରଣମି ତୁମକୁ ଚାଲେ ଜୀବନ ପଥେ ନିରେଖି।

ତୁମେ ଜଗବନ୍ଧୁ କୃପାସିନ୍ଧୁ ମୁଁ ପଥର ପାନ୍ଥ
ତୁମେ ଶସ୍ତ୍ର ଶାସ୍ତ୍ର ମନ୍ତ୍ର ଦିବ୍ୟଜ୍ଞାନେ ମହାଗ୍ରନ୍ଥ,
ସୁପଥ ଦେଖାଅ ବାରେ ହୋଇ ନୟନର ପଥ
ରଥ ପଥ ସୁସଜ୍ଜିତ ଆସ ପ୍ରଭୁ ଜଗନ୍ନାଥ।

କୋହି, ବାରିପଦା, ମୟୂରଭଞ୍ଜ,
(ମୋ) ୮୦୧୮୩୫୩୩୨୨

## ବଡଦାଣ୍ଡେ ରଥ ଗଡେ...

### ନଗେନ୍ଦ୍ର ନାଥ ପଟ୍ଟନାୟକ

ପୁଣ୍ୟଧାମ ଶିରୀକ୍ଷେତ୍ର ଲାଗିଲାଣି ନିଆରା
ଖୁସିର ଲହରୀ ଆଣେ ଏଇ ରଥ ଯାତରା
ଭକତ ଦର୍ଶନ ପାଇଁ
ଭାଇ ଭଉଣୀଙ୍କୁ ସଙ୍ଗେ ଘେନି ଜଗା
ରଥେ ବିଜେ ହେବେ ଯାଇ ।
ରଥଟଣା ଦେଖିବାକୁ ଲୋକେ ଭାରି ଗହଳ
ଜଗତ ତମାମ ପରା ପଡ଼ିଲାଣି ଚହଳ
ପ୍ରଭୁଙ୍କର ଭାବ-ଡୋରି
କାହିଁ କେତେଆଡୁ ଲୋକଭିଡ ଜମେ
ଭାବକୁ ନିକଟ ହରି ।
ଭେରୀ ତୂରୀ ଶଙ୍ଖ ନାଦେ ବଡଦାଣ୍ଡ ଉଚ୍ଛୁଳେ
ଜଗା ଦରଶନ ଲଭି ପୁଲକିତ ସକଳେ
ବଡଦାଣ୍ଡେ ରଥ ଗଡେ
ହରିବୋଲ ହୁଳହୁଳି ହାଲୋଳରେ
ଭକତେ କୁହାଟ ଛାଡେ।
ଲୀଳାଖେଳା କରିବାକୁ ଜଗା ଭାରି ଆତୁର
ରଥରଜ୍ଜୁ ଟାଣିବାକୁ ଭକତ ଯେ ଆକୁଳ
ପୂର୍ଣ୍ଣ ହୁଏ ମନସ୍କାମ
ସାର୍ଥକ ହୁଅଇ ଭକତ ଜୀବନ
ସ୍ମରଣରେ ପ୍ରଭୁନାମ ।

+ ଓଙ୍କାର ସିଟି ,
ଲେନ୍ ନଂ ୯ ,ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮



## ହେ ଚକାଆଖି

### ଡ.ଭାରତୀ ହୋତା

ହେ ଚକାଆଖି !
ତୁ ସେହି ଦାରୁ ବ୍ରହ୍ମ
ଯାହାର ଉଚ୍ଚାରଣେ ମନର ଶତ ଶତ ଚିନ୍ତାରୁ
ଫେରିପାଏ ଚେତନା,
ତୋ ନାମ ମନନ ମାତ୍ରକେ
ଆସେ ଶୁଦ୍ଧ ଅମୃତ ଭାବନା ।

ହେ ଚକାଆଖି !
ତୁ ସେଇ ଠାକୁର
ଯିଏ ଭରି ଦେଇପାରେ ଅଭକ୍ତ ମନରେ ଭକତି
ବଦଳେଇ ଦେଇପାରେ
ବଇରୀକୁ ବୈରାଗୀରେ,
ଦୁନିଆକୁ ଶିଖେଇ ଦେଇପାରେ ଭକ୍ତିର ଶକ୍ତି
ବୁଝେଇ ଦେଇପାରେ
ନିର୍ଣ୍ଣିତ ନିୟମ ନିୟତିର ।

ହେ ଚକାଆଖି !
ତୁ ସେହି କାଳିଆ ସାଆନ୍ତ
କୋଟି ଓଡ଼ିଆଙ୍କ ମଉଡ଼ମଣି
ବଡ଼ ଦେଉଳର ବଡ଼ ଠାକୁର,
ହଟେଇ ଦେଇପାରୁ ହଟ
ଶିଖେଇ ଦେଇପାରୁ ଦୁନିଆକୁ
ମୈତ୍ରୀପଣର ପଣକିଆ
ପୋତିଦେଇ ପାରୁ ଶାନ୍ତିର ଶତଦଳ
ଦୂରେଇ ଦେଇପାରୁ ଘୃଣ୍ୟ ହୃଦୟର ଘମଂଡ
ଅପୂର୍ବ ଲୀଳା ଖେଳାରେ ।

ହେ ଚକାଆଖି !!
ତୁମେ ସେହି ଦେବତା
ଯିଏ ନେଇଯାଏ ଶ୍ରୀହସ୍ତରେ ନଡ଼ିଆ
ଦାସିଆ ବାଉରୀର
ଭକ୍ତ ସାଲବେଗ ଆତୁର ଜଣାଣେ
ଅଟକି ଯାଏ ଯା ରଥ ,
ଶ୍ରଦ୍ଧା ଭକ୍ତି ଅଭିମାନ ପ୍ରେମ
ସ୍ନେହାସିକ୍ତ ସମ୍ବୋଧନେ
ପ୍ରେମେ ଗଦଗଦ ଯା' ଅବତାର ।

ହେ ଚକାଆଖି !
କରି ତ ନ ଥିଲି ଅଳି
ରାଜ ଉଆସର ରାଜପଦ
କି ରାଜ ନଗରର ରାଜୁତି,
ନ ଦେଲେ ନାଇଁ ପଛେ
ଟୋପାଏ ସୁଖ ଐଶ୍ୱର୍ଯ୍ୟ
ଲେଖି ନେଉଥିବି କବିତା ଧାଡ଼ି ଧାଡ଼ି
ତୋ'ରି ଲୀଳାର ଲାଳିତ୍ୟ ଶୁଣେଇ ଶୁଣେଇ
ଗାଇ ଯାଉଥିବି ଗୀତ
ସାଉଁଟି ସାଉଁଟି ଯେତେ
ମୋ ଭାଗର ମାନ ଅଭିମାନ ଅସହାୟପଣ,
ଅଜାଡ଼ି ଦଉଥିବୁ ଏ ଅରକ୍ଷିତକୁ ଅଭଡ଼ା
ଅପସରେଇ ନେଉଥିବୁ
ଅପଯଶର ଅପକଥା
ନ ମିଳୁ ପଛକେ ଅଦୃଷ୍ଟ ଅନୁକମ୍ପା ।

+ ଖରିଆର ରୋଡ଼, ନୂଆପଡ଼ା

## ରତନବେଦୀରୁ ଜନମବେଦୀକୁ

### ଧ୍ରୁବ ଚରଣ ଘିବେଲା

ବଡ଼ ଦେଉଳରେ ରତନ ବେଦୀରେ
ବିଜେ ପ୍ରଭୁ ଜଗନ୍ନାଥ
ଭ୍ରାତାଭଗ୍ନୀ ସାଥେ ବିରାଜିତ ନିତ୍ୟେ
ହସ ହସ ମୁଖ ନେତ୍ର ।

ବଡ଼ଦାଣ୍ଡ ପରେ ଭକତ ମେଳରେ
ଦେବା ପାଇଁ ଦରଶନ
ରଥଯାତ୍ରା ପର୍ବ ଜାତୀୟ ପରବ
ଆଷାଢ଼କୁ ଆୟୋଜନ ।

ପହଣ୍ଡିରେ ଆସି ହଲି ଝୁଲି ଖୁସି
ରଥେ ଦିଅଁ ବିରାଜନ୍ତି
ଗଜପତି ଆସି ତିନି ରଥ ପରେ
ଛେରାପହଁରା କରନ୍ତି ।

ମନେ ଭକ୍ତି ଭାବ ରଥଟଣା ପର୍ବ
ହୁଏ ଭକତଙ୍କ ମେଳେ
ଭକତ ଟାଣିଲେ ଗଡ଼ିଯାଏ ରଥ
ବଡ଼ଦାଣ୍ଡେ ଧିରେ ଧିରେ ।

ମଝିରେ ମଝିରେ ଅଟକି ବାଟରେ
ଯାଇଥାନ୍ତି ଚକାଆଖି
ଶୁଭୁଥାଏ ଘଣ୍ଟ ଡାହୁକର ଡାକ
ଭକତର ମନଲାଖି ।

ଆଗ ପଛ ହୋଇ ରଥ ଗଡୁଥାଇ
ବଡ଼ଦାଣ୍ଡେ ରହି ରହି
ରଥରେ ବାମନ ଦିଅଁ ଦରଶନ
କରେ ଭକ୍ତ ତୃପ୍ତ ହୋଇ ।

ଶେଷକୁ ଅଟକି ଗୁଣ୍ଡିଚାବାଡ଼ିଠି
ରହନ୍ତି ବାଡ଼ିକୁ ଯାଇ
ରତନବେଦିରୁ ଜନମବେଦିକୁ
ଯାଆନ୍ତି ଭଉଣୀ ଭାଇ ।

ରଥରେ ଯାତରା ପାଇଁ ରଥଯାତ୍ରା
କରନ୍ତି ଭାଇ ଭଉଣୀ
ରହି କିଛି ଦିନ ବାହୁଡ଼ି ଆସନ୍ତି
ବାହୁଡ଼ା ଯାତରେ ପୁଣି ।

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ- ୯୪୩୭୪୭୮୪୬୬

# ୯୭ତମ ପୁଣ୍ୟତିଥିରେ ଉତ୍କଳମଣି ଗୋପବନ୍ଧୁଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

## ତ୍ୟାଗ ଓ ମାନବତାର ପ୍ରତୀକ ପୁଣ୍ୟାତ୍ମା ସବୁଦିନ ଓଡ଼ିଶାବାସୀଙ୍କ ହୃଦୟରେ ରହିଥିବେ



ବାଲେଶ୍ୱର, ୨୬।୬ (ନିପ୍ର): ମହାନ ଦେଶପ୍ରେମୀ, ସମର୍ପିତ ଜନ ସେବକ, ତ୍ୟାଗ ଓ ମାନବିକତାର ପ୍ରତୀକ ଦୀନ ଦୁଃଖୀଙ୍କ ବନ୍ଧୁ ତଥା 'ସମାଜ'ର ପ୍ରତିଷ୍ଠାତା ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ପୁଣ୍ୟତିଥି ଶ୍ରଦ୍ଧାର ସହ ଗୁରୁବାର ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ 'ସମାଜ' ବାଲେଶ୍ୱର ଶାଖା ପକ୍ଷରୁ ପ୍ରାତଃ କାଳରେ ସ୍ଥାନୀୟ ହରଗଙ୍ଗା ପୋଖରୀ ତୁଠରେ ତିଳତର୍ପଣ କରାଯାଇଥିଲା । ପରେ ସ୍ଥାନୀୟ ଗୋପବନ୍ଧୁ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୁଣ୍ୟାତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ଉତ୍କଳମଣିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଦେଶପ୍ରେମୀ, କର୍ମ ପ୍ରବଣ, ଦରଦୀ ତଥା ମାନବତାର ଉଜ୍ଜଳ ଆଲୋକ ବର୍ତ୍ତିକା ଭାବେ ଗୋପବନ୍ଧୁ ଓଡ଼ିଶାବାସୀଙ୍କ ହୃଦୟରେ ଚିର ନମସ୍ୟ ହୋଇ ରହିବେ । ତାଙ୍କ ଆଦର୍ଶରୁ କାଣିଚାଏ ନିଜ ଜୀବନରେ ଆପଣେଇ ପାରିଲେ, ପୁଣ୍ୟାତ୍ମାଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଶାନ୍ତ ଦାସ, ଗିରୀଶ ଚନ୍ଦ୍ର ଦାଶ, ବିପ୍ଳବ କୁମାର ମହାନ୍ତି, ଅରୁଣ ଜେନା, ଅଞ୍ଜଳି ପଣ୍ଡା, ଡ. ହରିଶ୍ଚନ୍ଦ୍ର ବେହେରା, ମମତା ମହାପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ଡ.ଲକ୍ଷ୍ମୀନାରାୟଣ ମହାନ୍ତି, ଦୀନବନ୍ଧୁ ଲେଙ୍କା, କାଳୀପଦ ପଣ୍ଡା, ପ୍ର. ଶତ୍ରୁଘ୍ନ ମଲ୍ଲିକ, ଡ. ପଙ୍କଜ କୁମାର ଜେନା, ଶୁଭଙ୍କର ମହାପାତ୍ର, ଡ. ହରପ୍ରସାଦ ପାଲ, କୃଷ୍ଣଗୋପାଳ ଦାସ, ଶେଖ ଆୟୁବ, ସଞ୍ଜୀବ ଦାସ, ମନୋଜ କୁମାର ରାଉତ, ଧୀରେନ ନାୟକ, ସୂର୍ଯ୍ୟକାନ୍ତ କର, ଦାମୋଦର ନାୟକ, ଧୀରଜ ମହାନ୍ତି, ବିଭୂପଦ ଦାସ, ଦେବାଶିଷ ଚାଟାର୍ଜୀ, କିଶୋର ଦାସ, କବି ଶ୍ରୀଦେବ, ସୃଷ୍ଟିଧର ପରିଡ଼ା, ବଙ୍କିମ ଚନ୍ଦ୍ର ପତି, ରାମଚନ୍ଦ୍ର ଦାସ, ରମେଶ ଜେନା, ଡ. ଶ୍ରୀମାନ ଶ୍ରୀଚନ୍ଦନ, ଶ୍ରଦ୍ଧାଞ୍ଜଳି ରାୟ, କେଶୁ ଦାସ, ଉଜ୍ଜଳ ଚନ୍ଦ୍ର କର, ରାଜେଶ ଗିରି, ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ଯଶୋଦା ନନ୍ଦନ ଆଶ, ବିଶ୍ୱଜିତ ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, ସନ୍ଦୀପ୍ତ କୁମାର ଦାସ, ହିମାଂଶୁ ଦାସ, ଅଧୀପ ଜେନା, ଅଜିତ କୁମାର ମହାନ୍ତି, ହାଇଦର ଖାନ, ଉପେନ୍ଦ୍ର ନାଥ ଶତପଥୀ, ଗଙ୍ଗାଧର ରାଉତଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । 'ସମାଜ' ବାଲେଶ୍ୱର ଶାଖାର ବରିଷ୍ଠ ସହ-ସମ୍ପାଦକ କୁଳମଣି ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ଭାରପ୍ରାପ୍ତ ଶାଖା ପରିଚାଳକ ସତ୍ୟବ୍ରତ ଜେନା ଉତ୍କଳମଣିଙ୍କ ଶ୍ରାଦ୍ଧ ଉତ୍ସବ ଅବସରରେ ହେଉଥିବା 'ସେବା ଓ ସେବକ' ସପ୍ତାହ ସମ୍ପର୍କରେ ସୂଚନା ଦେଇଥିଲେ । ବ୍ୟୁରୋ ମୁଖ୍ୟ ଶଶିରଂଜନ ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସହ-ସମ୍ପାଦକ ଡ. ଜଗନ୍ନାଥ ଖଟୁଆ ଶେଷକଥା ରଖିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ପରେ ଖାନନଗର ସ୍ଥିତ 'ସମାଜ' ଛାପାଖାନା ପରିସରରେ ଥିବା ପୁଣ୍ୟାତ୍ମାଙ୍କ ପ୍ରତିମୂର୍ତ୍ତିରେ ବସ୍ତା ବିଧାୟିକା ଶ୍ରୀମତୀ ଜେନା ଓ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁଙ୍କ ସମେତ ପୂର୍ବତନ ଜିଲା ପରିଷଦ ସଭାପତି ଶ୍ରୀ ଦାଶ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅଭୟ ଦାସ, ମାଲିକ ରିଜୱାନ, ପ୍ରଦୀପ ବାରିକ, ଦିଲ୍ଲୀପ ପରିଡ଼ା, ଅଜୟ ଷଡ଼ଙ୍ଗୀ, ଲଳାଟେନ୍ଦୁ ମହାପାତ୍ର, ସୁରେଶ ଦାସ, ଗୌତମ ସେନ୍, ସୋମନାଥ ସାହୁ, ଦେବବ୍ରତ ମଲ୍ଲିକ, ପ୍ରଶାନ୍ତ ମହାନ୍ତିଙ୍କ ସମେତ ସମାଜ ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ଶ୍ରୀକ୍ଷେତ୍ରେ ଶ୍ରୀଜଗନ୍ନାଥଙ୍କ...

( ପୃଷ୍ଠା ୩ର ଅବଶିଷ୍ଟ ) ମୁରାରୀ ମିଶ୍ର ସ୍ୱୀୟ ସୃଷ୍ଟିରେ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ବୋଲି କେତେକ ଅଲୋଚକ ମତପୋଷଣ କରିଛନ୍ତି । ଶ୍ରୀବିଗ୍ରହମାନଙ୍କ ରଥଯାତ୍ରା କାଳରେ ମୁରାରୀ ମିଶ୍ରଙ୍କ ରଚିତ ସୁପ୍ରସିଦ୍ଧ ସଂସ୍କୃତ ନାଟକ ଅନର୍ଘ ରାଘବ ସମେତ ବହୁ ସଂସ୍କୃତ କାବ୍ୟ ଭକ୍ତମାନଙ୍କର ଚିତ୍ତ ବିନୋଦନ ପାଇଁ ଅଭିନୀତ ହେଉଥିବାରୁ ସୂଚନା ତାଙ୍କ ରଚନାରୁ ମିଳିଥାଏ । କବି ମୁରାରୀ ମିଶ୍ରଙ୍କ ରଚନାରୁ ଜଣାଯାଏ ଯେ, ଭାଗବତଃ ପୁରୁଷୋତ୍ତମସ୍ୟ ଯାତ୍ରାୟା ମୁପସ୍ଥାନୀୟା ସଭାସଦଃ । ଏଠାରେ ଶ୍ରୀପୁରୁଷୋତ୍ତମ ବା ଶ୍ରୀଜଗନ୍ନାଥଙ୍କ ଯେଉଁ ଯାତ୍ରାର ନାମ ଉଲ୍ଲେଖ କରିଛନ୍ତି, ତାହା ଆଲୋଚକମାନଙ୍କ ଦ୍ୱାରା ରଥଯାତ୍ରା ରୂପେ ଗୃହୀତ ହୋଇଛି । ମାତ୍ର ବର୍ଣ୍ଣିତ ଯାତ୍ରାର କାଳ ନିରୂପିତ ହୋଇନଥିବାରୁ ଏହାକୁ ରଥଯାତ୍ରା ଭାବରେ ଗ୍ରହଣ କରିବାରେ ମତଦ୍ୱୈଧ ପରିଲକ୍ଷିତ ହୋଇଥାଏ । ବିଶିଷ୍ଟ ଐତିହାସିକ ଡକ୍ଟର ସତ୍ୟନାରାୟଣ ରାଜଗୁରୁ ୧୨୨୩ ଖ୍ରୀଷ୍ଟାବ୍ଦର ପରବର୍ତ୍ତୀ କାଳରେ ରଥଯାତ୍ରା ପ୍ରଚଳନ କଥା ଉଲ୍ଲେଖ କରିଛନ୍ତି । ରାଜଗୁରୁଙ୍କ ମତରେ ୧୨୨୩ ଖ୍ରୀଷ୍ଟାବ୍ଦ ପରେ କୈଣସି ସମୟରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଦାରୁ ନିର୍ମିତ ହେବାରେ ଓ ଆଦିବାସୀ ଦଇତାମାନେ ଶ୍ରୀଜଗନ୍ନାଥଙ୍କ ସେବକ ରୂପେ ନିଯୁକ୍ତି ହେବାର ରଥଯାତ୍ରାର ସୃଷ୍ଟି ହୋଇଛି । ପୌରାଣିକ କିମ୍ବଦନ୍ତୀ ତଥା ପୌରାଣିକ ଆଖ୍ୟାୟିକା ଅନୁଯାୟୀ, ଜାରା ଶବର ଶରରେ ପ୍ରାଣ ଛାଡ଼ିଲେ ଦ୍ୱାରକାଧିପତି ଶ୍ରୀକୃଷ୍ଣ । ଶେଷତମ ଆତ୍ମୀୟ ଭାବରେ ପାଣ୍ଡବଗଣ ସଖା ଶ୍ରୀକୃଷ୍ଣଙ୍କ ଶରୀରକୁ ଦାହ କରିବା ପାଇଁ ଚେଷ୍ଟାକରି ବିଫଳ ହେଲେ । କାରଣ ଅଗ୍ନିର ଦାହିକା ଶକ୍ତି ନିକଟରେ ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଶ୍ରୀକୃଷ୍ଣଙ୍କ ଶରୀରକୁ ପଞ୍ଚଭୂତରେ ବିଲୀନ କରିବାର ସାମର୍ଥ୍ୟ ନ ଥିଲା । ଶୂନ୍ୟବାଣୀ ହେଲା- କୃଷ୍ଣଙ୍କର ନାଭିକମଳ ଅଗ୍ନିରେ ଭସ୍ମ ହେବନାହିଁ, ତୁମେମାନେ ତାହାକୁ ମହୋଦଧିରେ ବିସର୍ଜନ କରିଦିଅ ପାଣ୍ଡବମାନେ ତାହାହିଁ କଲେ । ତେଣୁ ଉପସଂହାରରେ କୁହାଯାଇପାରେ ଶ୍ରୀକୃଷ୍ଣଙ୍କର ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁରୂପରେ ବାଙ୍କୀ ମୁହାଣରେ ଆବିର୍ଭାବ ହେଲା । ସମୁଦ୍ରରେ ଭାସୁଥିବା ସେହି ଦାରୁକୁ ଆଣି ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖିଥିଲେ । ସ୍ୱୟଂ ମହାପ୍ରଭୁ ଜଣେ ବୃଦ୍ଧ ବେଶରେ ଆସି ସେହି ଦାରୁରେ ମୂର୍ତ୍ତି ପ୍ରସ୍ତୁତ କଲେ । ସର୍ତ୍ତ ଥିଲା ମୂର୍ତ୍ତି ସମ୍ପୂର୍ଣ୍ଣ ନହେବା ଯାଏ ଦ୍ୱାର ଖୋଲାଯିବ ନାହିଁ । ମାତ୍ର ପନ୍ଦର ଦିନ ପରେ ଦ୍ୱାର ଖୋଲାଗଲା ମୂର୍ତ୍ତିନିର୍ମାଣ କରୁଥିବା ବୃଦ୍ଧ ଉଭାନ ହୋଇଗଲେ । କେବଳ ଅଧାଗଢା ମୂର୍ତ୍ତି ରହିଗଲା ଅଧାଗଢ଼ା ମୂର୍ତ୍ତିକୁ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ସେହି ସମୟରେ ମହାପ୍ରଭୁ କହିଥିଲେ : ହେ ରାଜା, ବର୍ଷକୁ ଥରେ ଜନ୍ମଭୂମିକୁ ଆଣିବ । ସେଥିପାଇଁ ଶ୍ରୀଜୀଉମାନେ ନଅ ଦିନ ପାଇଁ ଗୁଣ୍ଡିଚାଘରକୁ ବୁଲି ଯାଆନ୍ତି ଓ ନଦିନ ରହି ଶେଷରେ ବଡ଼ଦେଉଳକୁ ବାହୁଡ଼ି ଆସନ୍ତି... !!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦ ୧୫୧୪୭୫

# ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟରେ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ବାରିପଦା , ୨୬/୬ (ନି.ପ୍ର): ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟରେ ରୋଟାରି କ୍ଲବ, ବାରିପଦା ସହଯୋଗୀତାରେ ଏକ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଉଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ପି ଆର ଏମ ମେଡିକାଲ କଲେଜର ପ୍ରଫେସର ଡାକ୍ତର ରାମକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗଦନ ଭଳି ମହତ କାର୍ଯ୍ୟ ସମସ୍ତଙ୍କୁ ସାମିଲ ହେବାକୁ ନିବେଦନ କରିଥିଲେ. ବର୍ଷିଆନ ରୋଟାରୀଆନ ତିମିର କୁମାର ଘୋଷ ନିଜର ଅଙ୍ଗକୁ ଦାନ କରି ଅମର ରହିବାର ଯେଉଁ ଇଛା ତାକୁ ଅଧିକରୁ ଅଧିକ ଲୋକଙ୍କଙ୍କୁ ବୁଝାଇବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ. ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜସାଇନ୍ସ ହାୟର ସେକାଣ୍ଡାରୀ ସ୍କୁଲ ଓ ମହର୍ଷି ଇଣ୍ଟେରନେସନାଲ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଡ଼ ଜିତେନ୍ଦ୍ର କୁମାର ଦାସ, ପ୍ରତିଭା ଦାସ, ଲକ୍ଷ୍ମୀ ଚାପିଆର, ସଂଯୁକ୍ତା ମହାନ୍ତ, ମୀରା ସେନାପତି ସମ୍ବିତ କୁମାର ମିଶ୍ର ପ୍ରଭୃତି ଯୋଗ ଦେଇ ନିଜର ମତ ଉପସ୍ଥାପନ କରିଥିଲେ । ରୋଟାରୀଆନ ଭବାନୀ ଶଙ୍କର ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ବି ଏ ଏଲ ଏଲ ବି ବିଭାଗର ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ରତ୍ନାକର ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂସଦ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ: ୪୦ ୟୁନିଟ ରକ୍ତ ସଂଗୃହୀତ

ନୀଳଗିରି, ୨୬/୬ (ନି.ପ୍ର): ନୀଳଗିରିର ପୁରାତନ ଶିକ୍ଷାନୁଷ୍ଠାନ ରତ୍ନାକର ଟାଉନ ହାଇସ୍କୁଲର ୪୦ବର୍ଷ ପୂର୍ତ୍ତୀ ଅବସରରେ ଅନୁଷ୍ଠିତ ହେବାକୁ ଥିବା ରୁବିକ ଜୁବଲି ଉପଲକ୍ଷେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରଟି ରତ୍ନାକର ଟାଉନ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଓ ସମ୍ବାଦ ଆମ ଓଡିଶା ମିଳିତ ସହଯୋଗରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନ ଦିନ ୧୦ଟାରୁ ଆରମ୍ଭ ହୋଇଥିବା ଶିବିରକୁ ଡ. କୁମାର ମିଶ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଉଦ୍ଘାଟନ କରିଥିଲେ ।ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଡ.ବସନ୍ତ କୁମାର ଉପାଧାୟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ସୁଚିସ୍ମିତା ଦାସ,ଦେବାଶିଷ ଦତ୍ତ,ସୌଭାଗ୍ୟବତୀ ପରିଡା,ହେମଲତା ସେଠୀ,ବିଦ୍ୟାଧର ସାହୁ ପ୍ରମୁଖ ରକ୍ତଦାତାଙ୍କ ଠାରୁ ରକ୍ତସଂଗ୍ରହ କରିଥିଲେ ।ଏହି ଶିବିରରେ ୪୦ ୟୁନିଟ ସଂଗ୍ରହ କରାଯାଇ ବାଲେଶ୍ୱର ରକ୍ତ ଭଣ୍ଡାରକୁ ପଠାଯାଇଥିଲା ।ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ସତ୍ୟଗୋପାଳ ମହାପାତ୍ର,ସମ୍ପାଦକ ସତ୍ୟନାରାୟଣ ମହାପାତ୍ର,କୋଷାଧ୍ୟକ୍ଷ ହିମାଂଶୁ ପାଣିଗ୍ରାହୀ,ସତ୍ୟନାରାୟଣ ମିଶ୍ର ,ଦିପକ ବାରିକ,ପୂର୍ଣ୍ଣଚନ୍ଦ୍ର ବେହେରା,ଚନ୍ଦ୍ର ଶେଖର ମହାଳିକ,ବ୍ରଜେନ୍ଦ୍ର ନାୟକ,ମିହିର ପ୍ରଧାନ,ଜୟନ୍ତ ପଣ୍ଡା,ସୁଦୀପ୍ତ ବେହେରା,ସଞ୍ଜୟ ପ୍ରଧାନ,ମନୀଷ ପ୍ରଧାନ ଏବଂ ଅନ୍ୟ ଛାତ୍ରସଂସଦ ସଦସ୍ୟ,ସ୍କୁଲର ସ୍କାଉଟ ଛାତ୍ର ଓ ସମ୍ବାଦ ପ୍ରତିନିଧି ଏହି ଶିବିର ପରିଚାଳିତ କରିଥିଲେ ।

# ଶ୍ରଦ୍ଧା କ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ: ରଥ ପଥ ପ୍ରସ୍ତୁତ




ବାଲିଆପାଳ, ୨୬/୬ (ନି.ପ୍ର): ଉତ୍ତର ବାଲେଶ୍ୱର ର ପ୍ରସିଦ୍ଧ ବାଲିଆପାଳ ବ୍ଲକର ଶ୍ରଦ୍ଧାକ୍ଷେତ୍ର ର ରଥ ଯାତ୍ରା ଚଳିତବର୍ଷ ୪୫ ବର୍ଷରେ ପଦାର୍ପଣ କରିଛି । ଏଥି ପାଇଁ ମନ୍ଦିର ପରିଚାଳନା କମିଟି ,ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଂଚିଛି । ସିମୁଳିଆ ବଜାରର ରଥଖଳାରେ ତିନି ରଥ କୁ ଦକ୍ଷିଣ ମୋଡ କରାଯାଇ ରଖାଯିବା ସହ ସୁ ସଜ୍ଜିତ କରାଯାଇଛି । ରଥ ଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ ରଥ ଖଳା ଠାରୁ ବାଲିଆପାଳ ବ୍ଲକ ବସଷ୍ଟାଣ୍ଡସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ରାସ୍ତାରେ ଉଠା ଦୋକାନୀ ମାନଙ୍କୁ ଉଠାଯିବା ସହ ରାସ୍ତାଉପରେ ଯେପରି କୌଣସି ଯାନ ନରୁହେ ସେଥିପାଇଁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସୂଚନା ଦିଆଯାଇଛି । ସେହିପରି, ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଆରମ୍ଭ ହୋଇଛି । ଅନ୍ୟପଟରେ ସ୍ନାନପୂର୍ଣ୍ଣୀମା ଠାରୁ ଅଣସର ଘରେ ଥିବା ଚତୁର୍ଦ୍ଧା ମୁରତୀ ଆଜି ନବ ଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ସମସ୍ତ ପୂଜା ରିତି ନିତି ପରେ ସାଧାରଣ ଦର୍ଶନ ହୋଇଥିଲା । ଏଥିପାଇଁ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ପ୍ରବଳ ଗହଳି ପରିଲିକ୍ଷିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆସିବା ସହ ତିନି ରଥରେ ପୂଜାର୍ଚ୍ଚାନ କରାଯାଇଛି । ଚଳିତ ବର୍ଷ ରଥଯାତ୍ରାରେ ୩୦ ହଜାର ରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହେବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ପାରାଦୀପ ବନ୍ଦର ପକ୍ଷରୁ କଳାକାର ଓ କ୍ରୀଡାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା



ପାରାଦୀପ, ୨୬/୬ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସର୍ବ ଭାରତୀୟ ବୃହତ୍ତ ବନ୍ଦର ଚମ୍ପିୟାନସିପ୍‌ର ସଫଳ କ୍ରୀଡାବିତ୍ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଏନେଇ ଗତକାଲି ସ୍ଥାନୀୟ ଜୟଦେବ ସଦନ ରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଯୋଗ ଦେଇ ସର୍ବ ଭାରତୀୟ ବୃହତ୍ତ ବନ୍ଦର ଚମ୍ପିୟାନସିପରେ ସଫଳତା ହାସଲ କରି ପାରାଦୀପ ବନ୍ଦରକୁ ଗୌରବାନ୍ୱିତ କରିଥିବା କ୍ରୀଡାବିତ୍ ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କ୍ରୀଡାବିତ୍ ଓ କଳାକାରମାନେ ସମସ୍ତ ବୃହତ୍ତ ବନ୍ଦରମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା କରି ପାରାଦୀପ ବନ୍ଦରକୁ ସଫଳତା ଦେଇଛନ୍ତି, ସେମାନଙ୍କ ନିଷ୍ଠାପରତା ଯୋଗୁ ପାରାଦୀପ ବନ୍ଦର ସଫଳତା ହାସଲ କରିଛି । ସେମାନଙ୍କ ଚେଷ୍ଟା ଓ ନିଷ୍ଠାକୁ ଶ୍ରୀ ହରନାଦ ଅଭିନନ୍ଦନ ଜଣାଇଥିଲେ । କ୍ରୀଡା ଓ ସାଂସ୍କୃତି ଆମ ସମାଜ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ସେମାନଙ୍କ ଏହି ସଫଳତା ଆମ ପାଇଁ ଗୌରବର କଥା ବୋଲି ଶ୍ରୀ ହରନାଦ କହିଥିଲେ । ଗୋପବନ୍ଧୁ କ୍ରୀଡା ସଂସଦ ସଫଳ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରିବା ସହିତ ସାହାଣି କପ୍, ଆନ୍ତଃ ବିଭାଗୀୟ କ୍ରୀଡା, ପାରାଦୀପ ହାଫ ମାରାଥାନ୍, ସମର କାଟିଙ୍ଗ କ୍ୟାମ୍ପ ଆଦିର ସଫଳ ଆୟୋଜନ କରି ପାରିଛି । ସମ୍ମାନିତ ଅତିଥି ଭାବେ ବନ୍ଦର ଟ୍ରାଫିକ୍ ଉପଦେଷ୍ଟା ଏକେ.ବୋଷ୍, ଗୋପବନ୍ଧୁ କ୍ରୀଡା ସଂସଦର ନୂତନ ସଭାପତି ଏଚଏସ୍.ରାଉତ ଯୋଗ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ଡା. ଡିପି.ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ସଭାପତି ଡିଏନ୍.ସୋଣ୍ଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ପାଦକ ରଂଜନ ରଶ୍ମୀ ବେଉରା ଓ କ୍ରୀଡା ଉପଦେଷ୍ଟା ରବି ଦାସ ସମ୍ବର୍ଦ୍ଧନା ସଭା କୁ ପରିଚାଳନା କରିଥିଲେ ।


# ବାକି ଟଙ୍କା ନେଣଦେଣକୁ ନେଇ ଠେଲାପେଲା: ଜଣେ ମୃତ

ଖଇରା, ୨୬/୬ (ନି.ପ୍ର): ୬ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାର ଠାରୁ ଅନତିଦୁରରେ ଭୋଜି ବେଳେ ପୁରୁଣା ବାକି ଟଙ୍କା ଦିଆନିଆକୁ ନେଇ ପ୍ରଥମେ ପାଟିତୁଣ୍ଡ ଓ ପରେ ଠେଲାପେଲା ଯୋଗୁଁ ଜଣକର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ଜୟକୃଷ୍ଣ ସାହୁ(୫୧) । ଘର ଖଇରା ବଜାର ସଂଲଗ୍ନ ପୁରୁଷୋତ୍ତମ ପୁର ଗ୍ରାମରେ । ପୁରୁଣା ବାକି ୪୦ ହଜାର ଟଙ୍କା ମାଗିବାକୁ ନେଇ ଜୟକୃଷ୍ଣଙ୍କୁ ଠେଲାପେଲା କରାଯିବା ଓ ଏଥିଯୋଗୁଁ ସ୍ୱାମୀ ମୃତ୍ୟୁବରଣ କରିଥିବା ନେଇ ପତ୍ନୀ ସଞ୍ଜୁରାଣୀ ଖଇରା ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ବଣପାରିଆ ଗ୍ରାମର ବସନ୍ତ ବେହେରା ଓ ଅନ୍ୟଜଣେ ସହଯୋଗୀ ଙ୍କ ନାମରେ ଏକ ମାମଲା(୧୯୩/୨୫) ରୁଜୁ କରି ଖଇରା ଥାନାରେ ଅଟକ ରଖିଛି । ବସନ୍ତଙ୍କର ଖଇରା ହାଇସ୍କୁଲ ନିକଟରେ ଏକ ପାନ ଦୋକାନ ଥିବା ବେଳେ ଏହି ଦୋକାନ ଠାରୁ କିଛି ଦୁରତାରେ ବସନ୍ତ,ଜୟକୃଷ୍ଣ ଓ ଅନ୍ୟ କିଛି ସହଯୋଗୀ ଭୋଜି ର ଆୟୋଜନ କରିଥିଲେ । ଭୋଜି ପରେ ଗଣ୍ଡଗୋଳ ମାରପିଟ ଯୋଗୁଁ ଜୟକୃଷ୍ଣ ଗୁରୁତର ହୋଇ ପଡିଥିଲେ । ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ମହାକୁମ୍ଭ ମେଳା ପରେ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ପକ୍ଷରୁ ସେବା ପ୍ରଦାନ

## ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଏବଂ ଧାର୍ମିକ ଭାବନା ବଜାୟ ରଖିବା ଦିଗରେ ଆଦାନୀ ଗ୍ରୁପର ସ୍ୱତନ୍ତ୍ର ପ୍ରୟାସ

ପୁରୀ, ୨୬/୬ (ନି.ପ୍ର): ଚଳିତ ବର୍ଷ ଆହ୍ଲାବାଦର ପ୍ରୟାଗରାଜ୍ ଠାରେ ହୋଇଥିବା ମହାକୁମ୍ଭ ମେଳାରେ ଆଦାନୀ ଗ୍ରୁପର ସ୍ୱେଚ୍ଛାକୃତ ସେବା, ଲୋକଙ୍କ ଆଦୃତି ଲାଭ କରିପାରିଛି । ଏହାକୁ ପାଥେୟ କରି ଲୋକଙ୍କ ଧାର୍ମିକ ଭାବନାକୁ ସମ୍ମାନ ପ୍ରଦାନ ପୂର୍ବକ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସେବା ଯୋଗାଇବା ପାଇଁ ସ୍ଥିର କରିଛି । ମହାପ୍ରଭୁ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାରେ ଭାରତ ତଥା ବିଶ୍ୱର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟକ୍ରମ କେବଳ ଭିତ୍ତିଭୂମି ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୀମିତ ନୁହେଁ, ଏହା ବିଭିନ୍ନ ଦିଗରେ ବିସ୍ତୃତ । କ୍ରମଶଃ ଭାବରେ ଏହା କେବଳ ଭାରତର ଆଧାତ୍ମିକ ଓ ସାଂସ୍କୃତିକ ଜୀବନ ଧାରାର ପୃଷ୍ଠପୋଷକ ଭାବେ ନୁହେଁ ବରଂ ଏକ 'ସେବକ' ଭାବେ ସେବା ପ୍ରଦାନ କରିଆସୁଛି । ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ସେବା ହି ସାଧନା ହୈ' (ସେବା ହିଁ ପୂଜା) ବିଶ୍ୱାସକୁ ଆଧାର କରି, ଜୁନ ୨୬ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ପଦସ୍ଥ ଅଧିକାରୀମାନଙ୍କୁ ସମର୍ଥନ ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛି । ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାୟ ୪ ନିୟୁତ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଉଛି ଯେଉଁଠାରେ ମାଗଣା ପୌଷ୍ଟିକଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଓଡ଼ିଶାର ଗ୍ରୀଷ୍ମ ପ୍ରକୋପକୁ ପ୍ରତିହତ କରିବା ପାଇଁ ପାନୀୟ ଜଳ କାଉଣ୍ଟର ଗୁଡ଼ିକରେ ସାରା ସହରରେ ପାନୀୟ ଜଳର ବ୍ୟବସ୍ଥା ହୋଇଛି । ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଲାଇଫ୍‌ଗାର୍ଡ଼ ମହାସଂଘକୁ ସହାୟତା, ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ପାଇଁ ସ୍ୱେଚ୍ଛାସେବୀ, ପଦସ୍ଥ ଅଧିକାରୀମାନଙ୍କପାଇଁ ମାଗଣା ଟି-ସାର୍ଟ, ପୌର କର୍ମଚାରୀଙ୍କ ପାଇଁ ଫ୍ଲୋରେସେଣ୍ଟ ଜ୍ୟାକେଟ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ଜ୍ୟାକେଟ, ରେନକୋଟ୍, କ୍ୟାପ୍ ଏବଂ ଛତାର ବ୍ୟବସ୍ଥା କରାଯାଇଛି । ଆଦାନୀ ଗ୍ରୁପର ଏହି ସେବା ଭିତ୍ତିକ ପଦକ୍ଷେପ, ପୁରୀ ଜିଲା ପ୍ରଶାସନ, ଇସ୍କନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି । ଚଳିତ ବର୍ଷ ଆୟୋଜିତ, ୪୫ ଦିନିଆ ମହାକୁମ୍ଭ ମେଳା ସମୟରେ, ଇସ୍କନ ଏବଂ ଗୀତା ପ୍ରେସ ସହଯୋଗରେ ଆଦାନୀ ଗ୍ରୁପ, ଖାଦ୍ୟ ବଣ୍ଟନ ଏବଂ ତୀର୍ଥଯାତ୍ରୀ କଲ୍ୟାଣ ସେବାକୁ ସାହାଯ୍ୟ ଓ ସମର୍ଥନ କରିଥିଲା । ଜନକଲ୍ୟାଣ ଓ ଗୋଷ୍ଠୀ ସମୁଦାୟର ଭାବନାକୁ ଗୁରୁତ୍ୱ ଦେଇ 'ସମାଜସେବା ଏକ ଅନ୍ତରୀଣ ମୂଲ୍ୟବୋଧ' ଅନୁଭବ କରି ଏହି ପଦକ୍ଷେପ ନିଆଯାଇଛି ବୋଲି ସେ ମନ୍ତବ୍ୟ ରଖିଛନ୍ତି । ଯଦି ମହାକୁମ୍ଭ ଏକ ବିଶ୍ୱସ୍ତରୀୟ ଚେତନା ଥିଲା, ତେବେ ପୁରୀ ରଥଯାତ୍ରା ହେଉଛି ଓଡ଼ିଆ ପ୍ରାଣ ସହ ଘନିଷ୍ଠ ଭାବେ ସମ୍ବନ୍ଧିତ ଏକ ଆଧାତ୍ମିକ ଭାବନା । ପୁରୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ହୋଇପାରେ, କିନ୍ତୁ ଏହାର ଶକ୍ତି ହେଉଛି ତୀବ୍ର ଏବଂ ଅସୀମ । ରଥଯାତ୍ରାରେ ସାମିଲ ହୋଇ, ଆଦାନୀ ଗ୍ରୁପ କେବଳ ସେବା ପ୍ରଦାନ କରୁନାହିଁ- ଏହା ଭାରତୀୟ ସଂସ୍କୃତି, ସମୁଦାୟ ଏବଂ କରୁଣା ଉପରେ ଆଧାରିତ ବିକାଶର ଏକ ଦୃଷ୍ଟିକୋଣକୁ ଦୃଢୀଭୂତ କରୁଛି । ପ୍ରୟାଗରାଜ ହେଉ କିମ୍ବା ପୁରୀ, ବିଶ୍ୱାସ ଜଡ଼ିତ ସେବାର ଏହି ଉଦୀୟମାନ ଚିନ୍ତାଧାରା ସମ୍ପନ୍ନ ମଡେଲ- କର୍ପୋରେଟ କ୍ଷମତାକୁ ତୃଣମୂଳ ସ୍ତରରେ ଭାବପୂର୍ବକ ମିଶ୍ରଣ କରି, ଭାରତର ଆଧୁନିକ ବ୍ୟବସାୟ ଗୁଡ଼ିକ ଦେଶର ପରମ୍ପରା ସହିତ ଏକ ପବିତ୍ର ସମନ୍ୱୟ ସୃଷ୍ଟି କରିବ ।




# ମିରିଗିଣୀଠାରେ ଶ୍ରୀହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ



ନୀଳଗିରି , ୨୬/୬ (ନି.ପ୍ର): ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣୀ ଠାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପରମଭକ୍ତ ଶ୍ରୀଶ୍ରୀ ହନୁମାନ ମହାରାଜଙ୍କ ନବନିର୍ମିତ ବିଗ୍ରହ ଏବଂ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଛି । ଗୁରୁବାର ପ୍ରତ୍ୟୁଷରୁ ମିରିଗିଣୀ, କାନପୁର ଏବଂ ଆଖପାଖ ଗ୍ରାମର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ମହିଳା ନିକଟସ୍ଥ ପୋଖରୀରୁ ଭକ୍ତିପୂତ ଭାବେ ପୂର୍ଣ୍ଣକୁମ୍ଭରେ ଜଳ ଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଶୁଭଶଙ୍ଖ, କୀର୍ତ୍ତନର ତାଳେତାଳେ ନୂତନ ମନ୍ଦିର ନିକଟରେ ପହଞ୍ଚିଥିଲେ । ପରେ ପୂଜାକର୍ମ ଆରମ୍ଭ ହୋଇଥିଲା । ଏଥିରେ ଶିଶିର ମହାପାତ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର (ଟୁବୁଲୁ)ଙ୍କ ସହଯୋଗରେ ଘଟ ବୁଡାଇବାକୁ ଆସିଥିବା ୧୫୦ରୁ ଉର୍ଦ୍ଧ ମହିଳାମାନଙ୍କୁ ହଳଦିଆ ରଙ୍ଗର ଶାଢ଼ୀ ସହ ନାମାବଳୀ ବଣ୍ଟନ କରାଯାଇଥିଲା । ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମିରିଗିଣୀ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହ ରାମଚନ୍ଦ୍ର ଦାସ(ସୁକ ଭାଇ), ଉପେନ୍ଦ୍ର ବିଶ୍ୱାଳ , ପୂର୍ଣ୍ଣଚନ୍ଦ୍ର ରାଉତ , ଭରତ ପରିଡ଼ା , ଦେବାଶିଷ ଦ୍ୱିବେଦୀ ପ୍ରମୁଖ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ । ଶିଶିର ମହାପାତ୍ର ଫାଉଣ୍ଡେସନର ସଦସ୍ୟ ତଥା ୬ ନମ୍ବର ୱାର୍ଡ କାଉନସିଲର ପ୍ରତାପ ସେଠୀ , ଚିନ୍ମୟଶରଣ ରାଉତ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ସହ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ମନ୍ଦିରପ୍ରତିଷ୍ଠା କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନ, ପ୍ରସାଦସେବନ, ନାମଯଜ୍ଞ ଆଦି ଅନୁଷ୍ଠିତ ହେବବୋଲି ମନ୍ଦିର କମିଟି ତରଫରୁ ଉଲ୍ଲେଖ କରାଯାଇଛି ।

ଶୁକ୍ରବାର, ଜୁନ୍ ୨୭, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ଫଳ ବଣ୍ଟନ ଓ ବୃକ୍ଷରୋପଣ

ବାସୁଦେବପୁର, ୨୬/୬ (ନି.ପ୍ର): ବାସୁଦେବପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ଭାରତ ବର୍ଷର ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମଦିନ ପାଳନ ଉପଲକ୍ଷେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏହା ବ୍ୟତୀତ ହନୁମାନ ବାଟିକା ରେ ରାମ ମନ୍ଦିର ପରିସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଭବିଷ୍ୟତ ଉଜ୍ଜଳ ପାଇଁ ଦୀପ ଦାନ କରା ଯାଇଥିଲା ଓ ସତ୍ ସଙ୍ଗ ମନ୍ଦିର ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ବରିଷ୍ଠ ନେତା ତଥା ବିଶିଷ୍ଟ ଆଡଭୋକେଟ ଓ କବି ପ୍ରଦୀପ କୁମାର ମହାନ୍ତି, ପ୍ରତାପ ସେନାପତି, ଜଗବନ୍ଧୁ ଦାସ, ଅସିତ୍ କୁମାର ଦାଶ, ହେମନ୍ତ ସନ୍ଧି ବିଗ୍ରହ, ରମାକାନ୍ତ ସେଠୀ, କମଳାକାନ୍ତ ବାରିକ୍, ବିଦ୍ୟାଧର ଜେନା, ରାଜେନ୍ଦ୍ର ବାରିକ୍, ମହେଶ୍ୱର ଧଳ, ଆନନ୍ଦ ଶଙ୍କର ଦାସ, ରାଧାକାନ୍ତ ସାମଲ, ବିଦ୍ୟାଧର ମାଝି, ବିପଦ ମହାନ୍ତି, ଶଶିକାନ୍ତ ଦାସ, ରାଜେନ୍ଦ୍ର ବିଶ୍ୱାଳ, ଘନଶ୍ୟାମ ମୁଦୁଲି, ନନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।




ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଓ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିକାଶ ମୂଳକ କାର୍ଯ୍ୟକୁ ଯୁବ ନେତା ଶ୍ରୀ ଉଦୟ ନାରାୟଣ ମଲ୍ଲିକ ପ୍ରଶଂସା କରିଥିଲେ।

## ଓଡ଼ିଶା ହେବ ସମ୍ପୂର୍ଣ୍ଣ ଗଞ୍ଜେଇ ମୁକ୍ତ: ଅବକାରୀ ମନ୍ତ୍ରୀ

ଭୁବନେଶ୍ୱର, ୨୬/୬ (ନି.ପ୍ର): ନିଶା ନିବାରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ରାଜ୍ୟକୁ ସମ୍ପୂର୍ଣ୍ଣ ଗଞ୍ଜେଇ ମୁକ୍ତ କରିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଘୋଷଣା କରିଛନ୍ତି ଯେ, ରାଜ୍ୟ ସାରା ଗଞ୍ଜେଇ ଚାଷ ଏବଂ ଏହାର ଅବୈଧ ବାଣିଜ୍ୟକୁ ଦୂର କରିବା ପାଇଁ ଏକ ଯୋଜନାବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରୀ ସାଧାରଣ ଲୋକଙ୍କୁ, ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ, ଗଞ୍ଜେଇ ଚାଷରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି। ସେ ଚିନ୍ତା ପ୍ରକାଶ କରିଛନ୍ତି ଯେ, ଆଦିବାସୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଆର୍ଥିକ ଲାଭର ପ୍ରତିଶ୍ରୁତି ଦେଇ ଡ୍ରଗ୍ସ ମାଫିଆମାନେ ପ୍ରାୟତଃ ଗଞ୍ଜେଇ ଚାଷ କରିବାକୁ ପ୍ରଲୋଭିତ କରିଥାନ୍ତି। ଆମେ ଆଦିବାସୀ ସମ୍ପ୍ରଦାୟ ପାଇଁ ବିକଳ୍ପ ଜୀବିକା ଯୋଜନା ପ୍ରଦାନ କରିବା ନିମନ୍ତେ ଏକ ଯୋଜନାରେ ମଧ କାମ କରୁଛୁ। ଚଳିତ ବର୍ଷ, ଆମେ ସର୍ବାଧିକ ଅବୈଧ ଗଞ୍ଜେଇ ଚାଷକୁ ନଷ୍ଟ କରିଛୁ। ଆମେ ଏହି ଅବୈଧ ବାଣିଜ୍ୟକୁ ସମାପ୍ତ କରିବା ଏବଂ ଆମର ଆଦିବାସୀ ଜନସଂଖ୍ୟାକୁ ଶୋଷଣରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ, ଯାହା ଦ୍ୱାରା ଓଡ଼ିଶାକୁ ଗଞ୍ଜେଇ ମୁକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି।

## ଉତ୍କଳମଣି ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିଲା : ଓୟୁଜେ

ବାଲେଶ୍ୱର, ୨୬/୬ (ନି.ପ୍ର): ଉତ୍କଳର ବରପୁତ୍ର ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଆଜି ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ଭାବନା ସହ ଓଡିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍କଳମଣି ଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର



ପରିଡ଼ା, ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ, ସମାଜର ପୂର୍ବତନ ଶାଖା ପରିଚାଳକ ମଧୁସୂଦନ ଦାସ ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ, ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମାଜ ଖବର କାଗଜ ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ର ଛାତ୍ରୀ ମାନେ ଗରୀବ, ଅସହାୟ, ଅବହେଳିତ, ଲୋକଙ୍କ ଲାଗି ଆବଶ୍ୟକ ହେଉଥିବା ସାହାଯ୍ୟ, ସହଯୋଗ କୁ କାର୍ଯ୍ୟକାରୀ କରିବା ପାଇଁ , ତ୍ୟାଗ, ପରୋପକାର, ଭଳି ଗୁଣ ସମ୍ପନ୍ନ ହେବାକୁ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ମାନେ ପରାମର୍ଶ ଓ ଦିଗଦର୍ଶନ ଦେଇଥିଲେ। ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ମହେଶ୍ୱର ପ୍ରଧାନ , ପବ୍ଲିକ ସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ ମଣି ସାହୁ, ସହକାରୀ ଶିକ୍ଷକ ସବିତା ପରିଡ଼ା, ଖେଳ ଶିକ୍ଷକ ଶାନ୍ତିଲତା ସେଠୀଙ୍କ ସମେତ ବହୁ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଅନର ସଦର ବ୍ଲକ୍ ସଂଯୋଜକ ହାଇଦର ଖାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଦସ୍ୟ ହିମାଂଶୁ ଦାସ ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗ ପିଲାଙ୍କୁ ମିଠା ଖୁଆଇ ଶିକ୍ଷାମନ୍ତ୍ରୀଙ୍କ ଜନ୍ମଦିନ ପାଳନ




ଖଇରା, ୨୬/୬ (ନି.ପ୍ର): ଭାଜପା ପକ୍ଷରୁ ବିଭିନ୍ନ ସ୍ଥାନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ପାଳନ କରାଯାଉଥିବା ବେଳେ ଖଇରା ବ୍ଲକ ରେ ଭାଜପା କର୍ମୀ ମାନେ ନିଆରା ଢଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନ ପାଳିଛନ୍ତି । ଭାଜପା ଯୁବନେତା ନିଳମାଧବ ପଣ୍ଡା, ଦୋଳଗୋବିନ୍ଦ ମହାରଥା, ରାଜେଶ ରାଉତ ଓ ଅଜୟ ବେହେରା, ଡଗରପଡା ସମିତିସଭ୍ୟ ବିଦ୍ୟାଧର ଦଳେଇ ଙ୍କ ନେତୃତ୍ୱରେ ବହୁ ଭାଜପା କର୍ମୀ ପ୍ରଥମେ ଖଇରା ବ୍ଲକର ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମ ଗସ୍ତକରି ମନ୍ତ୍ରୀଙ୍କ ଦୀର୍ଘାୟୁ ପୂଜାର୍ଚ୍ଚନା କରିବା ସହ ସ୍ଲୋଗାନ ଦେଇଥିଲେ ଏବଂ ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ପରେ ସମସ୍ତ ନେତୃବୃନ୍ଦ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆସ୍ଥିତ କେଶବ ପୁରସ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟକୁ ଯାଇ ଦିବ୍ୟାଙ୍ଗ ପିଲାଙ୍କ ସହ ଭାବ ବିନିମୟ କରିବା ପରେ ସେମାନଙ୍କୁ ମିଠା ଓ ଚକୋଲେଟ ଖୁଆଇ ଥିଲେ । ପରେ ଆଇନଜୀବୀ ଉପେନ୍ଦ୍ର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପରୋକ୍ତ ଭାଜପା ନେତୃବୃନ୍ଦଙ୍କ ସମେତ କେଶବ ପୁରସ୍ତମ ବିଦ୍ୟାଳୟର ପ୍ରତିଷ୍ଠାତା କେଶବ ମହାପାତ୍ର, ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ, ପ୍ରଧାନଶିକ୍ଷୟତ୍ରୀ ମମତା କର, ନିଳାମ୍ବର ପଣ୍ଡା ପ୍ରମୁଖ ଯୋଗ ଦେଇ କେନ୍ଦ୍ରଶିକ୍ଷା ମନ୍ତ୍ରୀଙ୍କ ସମୟରେ ଭାରତ ଏବଂ ଓଡିଶାରେ ହୋଇଥିବା ବିକାଶ ଉପରେ ଆଲୋକପାତ କରିଥିଲେ ।

## ଓଲମରା ସୀମାନ୍ତ ମହାବିଦ୍ୟାଳୟରେ ପ୍ରତିଷ୍ଠା ହେଲା + ୩




ଜଳେଶ୍ୱର , ୨୬/୬ (ନି.ପ୍ର): ଦୀର୍ଘଦିନରୁ ଦାବୀ ହୋଇ ଆସୁଥିଲା ରାଇବଣିଆ ଅଞ୍ଚଳ ରେ ଏକ ଯୁକ୍ତ ତିନି କଲେଜ ର ପ୍ରତିଷ୍ଠା ପାଇଁ। ରାଇବଣିଆ ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ।ଏବଂ ଯାହାକୁ ନେଇ ସ୍ଥାନୀୟ ଓଲମରା ସୀମାନ୍ତ କଲେଜ୍ ରେ ଯୁକ୍ତତିନି ପ୍ରତିଷ୍ଠା ପାଇଁ ନାମ ମଧ ସୁପାରିଶ କରଯାଇଥିଲା । ଯାହାକୁ ପ୍ରଶାସନ ଗୁରୁତ୍ୱ ଦେଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ଙ୍କ ପ୍ରଚେଷ୍ଟାରେ କ୍ରମେ ଆଜି ଓଲମରା ସୀମାନ୍ତ ମହାବିଦ୍ୟାଳୟ ରେ ୨୦୨୫/୨୬ ଶିକ୍ଷା ବର୍ଷ ରେ ଯୁକ୍ତତିନି କଳା ସିକୃତି ପାଇଛି। ଏହାର ସିଟ ସଂଖ୍ୟା ୧୩୬ ରହିଛି ଏବଂ ଓଡିଆ, ଇତିହାସ, ସଂସ୍କୃତ ,ରାଜନୀତିକବିଜ୍ଞାନ, ଧନ୍ଦା ମୁଳକ ଶିକ୍ଷା ଏବଂ ଅର୍ଥନୀତି ରେ ଓନର୍ସ ପାଇଁ ୧୬ ସଂଖ୍ୟକ ସିଟ ରହିଛି। ଯାହାକୁ ରାଇବଣିଆ ଥାନା ଅଞ୍ଚଳ ବାସୀ ଙ୍କ ଦାବୀ କୁ ଗୁରୁତ୍ୱ ଦେଇ ଯୁକ୍ତତିନ ସ୍ଥାପନ କରିଥିବାରୁ ଧନ୍ୟବାଦ ଜଣାଇଲେ ଉଚ୍ଚ ଶିକ୍ଷାମନ୍ତ୍ରୀ ,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ,ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର , ସାଂସଦ ଙ୍କ ଜଳେଶ୍ୱର ପ୍ରତନିଧି ବ୍ରଜମୋହନ ପ୍ରଧାନ ଏବଂ ଓଲମରା ପଂଚାୟତ ର ଯୁବ ନେତା ରାସ ବିହାରୀ ରଣା ଙ୍କୁ ଧନ୍ୟବଦ ଜଣାଇଥିଲେ ଅଞ୍ଚଳ ବାସୀ।












❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida